## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................


ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ୫ ଗ୍ରାମବାସୀଙ୍କୁ ଉଠାଇ ନେଲେ ମାଓବାଦୀ

ମାଲକାନଗିରି,୭।୧୧ (ଡି.ଏନ.ଏ.): ମାଲକାନଗିରି ଜିଲା ସୀମାନ୍ତ ବଟେର ଗ୍ରାମରୁ ଶନିବାର ରାତିରେ ୫ ଜଣଙ୍କୁ ମାଓବାଦୀ ଅପହରଣ କରିନେଇଛନ୍ତି। ଛତିଶଗଡର କୋଣ୍ଟା ବ୍ଲକ ଅନ୍ତର୍ଗତ ବଟେର ଗ୍ରାମରେ ଏପରି ଘଟଣା ଘଟିଛି। ମାଓବାଦୀ ଶନିବାର ରାତିରେ ଗ୍ରାମକୁ ଆସି ଗ୍ରାମର ୫ ଜଣଙ୍କୁ ଘରୁ ଜୋରଜବରଦସ୍ତ ଉଠାଇ ନେଇଥିଲେ। ତେବେ ବର୍ତ୍ତମାନ ସୁଦ୍ଧା ସେମାନେ ସମ୍ପୃକ୍ତ ଗ୍ରାମବାସୀଙ୍କୁ ଛାଡି ନ ଥିବା ଜଣାପଡିଛି। ଏନେଇ ସମ୍ପୃକ୍ତ ବ୍ୟକ୍ତିଙ୍କ ପରିବାର ଲୋକେ ଭୟଭୀତ ହୋଇପଡିଛନ୍ତି। ଉଠାଇ ନେଇଥିବା ଲୋକଙ୍କୁ ଛାଡିଦେବା ପାଇଁ ପରିବାର ଲୋକେ, ଗ୍ରାମବାସୀଙ୍କ ସମେତ ଆଦିବାସୀ ସମାଜ ମାଓବାଦୀ ସଙ୍ଗଠନକୁ ଅନୁରୋଧ କରିଛନ୍ତି। ସୂଚନାଯୋଗ୍ୟ, ମାଓବାଦୀ ଉଠାଇ ନେଇଥିବା ଲୋକମାନଙ୍କ ପରିଚୟ ମିଳିନାହିଁ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଚୋର ମାଆ ନ କାନ୍ଦେ
ଯେବେ କାନ୍ଦେ ଦୁଆର ଦେଇ କାନ୍ଦେ।**

ପିଲାକୁ ଠିକ୍ ଶିକ୍ଷା ଦେଇ ଭଲ ମଣିଷ କରି ନ ପାରିଲେ, ପିଲା ଅବାଟରେ ଯାଇଥାଏ। ପିଲା ଯଦି ଚୋରି, ନାରୀ ଆଦି ହୀନ କର୍ମ କରିବସେ, ତେବେ ଏହାକୁ କାହା ଆଗରେ କହି ଦୁଃଖ ପ୍ରକାଶ କରିବା ସମ୍ଭବପର ହୋଇ ନ ଥାଏ। ଏପରିସ୍ଥଳେ ଲାଜ ସରମରେ ମନ ଦୁଃଖରେ ଏକୁଟିଆ ହୋଇ କେହି ନ ଦେଖିଲା ଭଳି ଲୁଚିକରି କାନ୍ଦିବା ସାର ହେଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଚାହିଁକିରେ
ଶାକର ପଟକ ଚୂନା ହୋଇଗଲା
ତାହାର ଅଧୁର ଯାଇକିରେ।**

ଶାକର ଏକ ମିଠା ଜାତୀୟ ପଦାର୍ଥ ହୋଇଥିବା ବେଳେ ଏହାର ଯେକୌଣସି ଅଂଶକୁ ଚାଖିଲେ ମଧ୍ୟ ତାହା ମିଠା ବା ମଧୁର ଲାଗିଥାଏ। ପରୋକ୍ଷରେ ଗୁଣୀ ଜ୍ଞାନୀ ବ୍ୟକ୍ତି ଯେତେ ଦାରିଦ୍ର୍ୟର ତାଡ଼ନାରେ ଚାପିହେଲେ ମଧ୍ୟ ତାଙ୍କ ଗୁଣ ଗରିମା କେବେହେଲେ ନଷ୍ଟ ହୁଏ ନାହିଁ ବୋଲି ଏଠାରେ ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ - ଫ୍ରେଣ୍ଡସ୍ ପବ୍ଲିଶର୍ସ

## ଆଜିର ମନ୍ତବ୍ୟ

"ଭାଜପା ଏକ ଛଦ୍ମ ଜାତୀୟତାବାଦୀ ଦଳ ହୋଇଥିବାରୁ ଏହାର କାର୍ଯ୍ୟକାରିଣୀ ବୈଠକରେ ଭାରତ-ଚାଇନା ସୀମା ବିବାଦ ପ୍ରସଙ୍ଗରେ କିଛି କୁହାଯାଇନାହିଁ।

-ପବନ ଖେରା, କଂଗ୍ରେସ ମୁଖପାତ୍ର

# ରାଜ୍ୟ ବାହାରେ ବିକ୍ରି ହେଉଥିଲା ଚୋରାଗାଡ଼ି



କଟା ହୋଇଥିବା ବିଭିନ୍ନ ଗାଡ଼ିର ଯନ୍ତ୍ରାଂଶ ଏବଂ ଅନ୍ୟ ସାମଗ୍ରୀ।

- **କବାଡ଼ିଆ ଦୋକାନରେ କଟା ହେଉଥିଲା**
- **ପୋଲିସର ଛାନ୍‌ଭିନ୍, ୬ ଗାଡ଼ି ଚିହ୍ନଟ**
- **କବାଡ଼ିଆ ଦୋକାନ ମାଲିକ ସମେତ ୩ ଅଟକ**

ଯାଜପୁର ଟାଉନ, ୭।୧୧(ଡି.ଏନ.ଏ.)

ଯାଜପୁର ସହରସ୍ଥ ଶିତଳେଶ୍ୱର ଅଞ୍ଚଳର ରାଧା କବାଡ଼ିଆ ଦୋକାନରେ ଚୋରା ଗାଡ଼ି କଟାଯାଇ ରାଜ୍ୟ ବାହାରେ ବିକ୍ରି କରାଯାଉଥିଲା। ଏକଥା ଜଣାପଡ଼ିବା ପରେ ହଇଚଇ ସୃଷ୍ଟି ହୋଇଛି। ଯାଜପୁର, କଟକ, ଭଦ୍ରକ ଓ କେନ୍ଦ୍ରାପଡ଼ା ଅଞ୍ଚଳରୁ ଚୋରି ହୋଇଥିବା ଗାଡ଼ିର ମାଲିକମାନେ ନିଜ ଗାଡ଼ି ଖୋଜିବା ପାଇଁ ରବିବାର ଯାଜପୁର ଟାଉନରେ ପହଞ୍ଚିଛନ୍ତି। ପୋଲିସ ଉକ୍ତ କବାଡ଼ିଆ ଦୋକାନରେ ଛାନଭିନ୍ କରି ଏପର୍ଯ୍ୟନ୍ତ ୬ରୁ ଊର୍ଦ୍ଧ୍ୱ ଗାଡ଼ି ଚିହ୍ନଟ କରିଛି, ଯାହାକି ସମ୍ପୂର୍ଣ୍ଣ କଟା ସରିଛି। ଏହି ଘଟଣାରେ କବାଡ଼ିଆ ଦୋକାନ ମାଲିକ ରାଧା ବେହେରା, ଗାଡ଼ି ଚୋରିକରି ଆଣିଥିବା ନୂଆ ଗୋବିନ୍ଦପୁରର ମାନସ ପାଲ ଓ ଗାଡ଼ି କଟାଳି ଜୁମା ଖାଁଙ୍କୁ ପୋଲିସ ଅଟକ ରଖି ପଚରାଉଚରା କରୁଛି।

ଗତ ଶନିବାର କଟକ ଜଗତପୁର ଅଞ୍ଚଳର ପ୍ରତାପ ବାରିକଙ୍କ ଏକ ପିକ୍‌ଅପ୍ ଭ୍ୟାନ୍ ଚୋରି ହୋଇଥିଲା। ଏହି ଗାଡ଼ିରେ ଜିପିଏସ୍ ଲାଗିଥିବାରୁ ମାଲିକ ଟ୍ରାକିଂ କରି ଗାଡ଼ିଟି ଯାଜପୁର ଟାଉନରେ ଥିବା ଜାଣିବାକୁ ପାଇଥିଲେ। ତେଣୁ ସେ ଯାଜପୁର ଟାଉନ ଥାନାରେ ପହଞ୍ଚି ପୋଲିସ ସହାୟତା ଲୋଡ଼ିଥିଲେ। ପୋଲିସ ଟ୍ରାକିଂ କରି ରାଧା କବାଡ଼ିଆ ଦୋକାନରେ ଗାଡ଼ି ଥିବା ଜାଣିବାକୁ ପାଇଥିଲା। ପୋଲିସ ଚଢ଼ାଉ କରିବା ସମୟରେ ଉକ୍ତ ଗାଡ଼ିକୁ କଟାଯିବା ପାଇଁ ବନ୍ଦୋବସ୍ତ କରାଯାଇଥିଲା। ମାତ୍ର ପୋଲିସର ହସ୍ତକ୍ଷେପ ଫଳରେ ଗାଡ଼ିଟିକୁ ଉଦ୍ଧାର କରାଯାଇଥିଲା। ଏହି ଚୋରାଗାଡି ର୍‍ୟାକେଟ୍ ଖବର ପାଇବା ପରେ ଯାଜପୁର ଜିଲାର ୬ଟି ଥାନା ପୋଲିସ ଗାଡ଼ିଚୋରିର ଶିକାର ମାଲିକଙ୍କ ସହ ପହଞ୍ଚି ଖାନ୍‌ତଲାସ କରିଥିଲେ। ଶହଶହ ଚୋରାଗାଡ଼ି ଅତ୍ୟାଧୁନିକ ମେଶିନ୍ ଓ ଗ୍ୟାସ କଟର୍ ଯୋଗେ ଖୁବ କମ୍ ସମୟରେ କଟାଯାଇ ରାଜ୍ୟ ବାହାରକୁ ପଠାଯାଉଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି। ଏଠାରେ ଚୋରା ଗାଡ଼ି ଆସିବା ପରେ ତୁରନ୍ତ ଇଞ୍ଜିନ୍, ଚେଚିସ୍, ଡୋର, କାଚ ଓ ଅନ୍ୟାନ୍ୟ ଜିନିଷକୁ ଅଲଗାଅଲଗା କରି ରଖାଯାଇଥିବାରୁ ଏହାକୁ ମାଲିକମାନେ ଚିହ୍ନିବା କଷ୍ଟକର ହୋଇପଡୁଛି। ଚୋରା ଟ୍ରକ୍, ବୋଲେରୋ, ଟାଟା ମ୍ୟାଜିକ୍ ଓ ପିକ୍‌ଅପ୍ ଭ୍ୟାନ୍ ଆଦି ଶହଶହ ଗାଡ଼ି କଟାଯାଇଥିବା ଯାଜପୁର ପୋଲିସକୁ ସୂଚନା ମିଳିଛି। ପୋଲିସ କବାଡ଼ିଆ ଦୋକାନରେ ଲାଗିଥିବା ସିସିଟିଭି ଫୁଟେଜକୁ ଆଧାର କରି ଅନେକ ତଥ୍ୟ ଯୋଗାଡ଼ କରିସାରିଛି। ଏହି କାରବାରରେ ରାଜ୍ୟ ଏବଂ ରାଜ୍ୟ ବାହାରର ଅନେକ ଲୋକଙ୍କ ସମ୍ପୃକ୍ତି ରହିଛି। ତଦନ୍ତରେ ବାଧା ଉପୁଜିବ ବୋଲି ପୋଲିସ ଅଧିକ ସୂଚନା ଦେଉନାହିଁ। ତେବେ ସହରରେ ଏପରି କାରବାର ଚାଲୁଥିଲେ ମଧ୍ୟ ପୋଲିସ କିପରି ଜାଣି ପାରୁ ନ ଥିଲା ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।


# classifieds

## Everyday
0674-2580101, 2549302

real estate

### SALE

ଭୁବନେଶ୍ୱର ଗ୍ୟାରେଜଛକ ନିକଟରେ ପ୍ଲଟ୍ ବିକ୍ରିହେବ। (ଘରବାଡ଼ି, ପାଚେରି, ଇଲେକ୍ଟ୍ରିସିଟି ସହିତ) Call- 9827119799.
D-71198

**ଭୁବନେଶ୍ୱର ଗଙ୍ଗପଡ଼ା tollgateରୁ 900mtr ଦୂରତାରେ ଘର ଉପଯୋଗୀ ପ୍ଲଟ୍ ମିଳୁଛି। 8908122121.**
D-71729

ଭୁବନେଶ୍ୱର ଜଟଣୀଗେଟ୍‌ରୁ ଅଳ୍ପଦୂରତାରେ 1200sqft., 2,80,000/-, ନଖରା ତ୍ରିନାଥ ବଜାର sqft.-150/- (outright). 9439660381.
D-22104

**Bhubaneswar Puri Bypass NHକୁ ଲାଗି ମେହେରପଲ୍ଲୀ ମୌଜାରେ ସଙ୍ଗେ ସଙ୍ଗେ ଘରକଲାଭଳି Commercial / Residential Plot ମିଳୁଛି । 9337028135.**
D-71733

1200/1500 sqft. Gharabari Boundary Housing Plot 30ft Road Gudiapokhari @600/- 9348012510.
D-71734

Demarcated ପ୍ଲଟ୍ KEC, ଗୁଡ଼ିଆପୋଖରୀ ପାଖରେ immediate registration & possession, ଅଗ୍ରିମ boundarywall, electricity with 30ft. road, sqft.- 700/-ରେ ମିଳୁଛି। 7008045582, 9692003948.
D-22146

**Plot for Sale, 2000sqft (15nos) per sqft- 2000/- Gharabari Plot Main Road side infront of Tata ariana, Vipul Garden Backside Ghatikia Mouza- Sankarpur, BBSR. Water & Electricity available 30'Road NH-5 to 1km. Contact: - 7381564227, 8114744495.**
D-22136

to-let

କୋଠବାଡ଼ ଗ୍ରାମପଞ୍ଚାୟତ, ଡେଲାଙ୍ଗ, ପୁରୀ ପକ୍ଷରୁ ନିର୍ମିତ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଥିବା ୫ଟି ଦୋକାନ ଗୃହ ଭଡ଼ା ସୂତ୍ରରେ ବଣ୍ଟନ କରାଯିବ। ଇଚ୍ଛୁକ ପଞ୍ଚାୟତ ଅଧିବାସୀ ଆସନ୍ତା ୧୫।୧୧।୨୦୨୧ ମଧ୍ୟରେ ସାଦା କାଗଜରେ ଆବେଦନ କରିବାକୁ ହେବ। ଫୋନ୍ ନଂ.- ୯୯୩୭୨୪୭୫୭୮.
ଧ-୨୨୧୮୬

Two Storied Building about 5000sft nearing completion near Fire Station Square, behind PGL Honda Showroom, Bhubaneswar for Corporates/ Bank/ Storage. 9437015201.
D-70756

healthcare

Ashirvaad Saloon and SPA get good massage for your health tha best therapy. 7077181074.
D-71808

Newly open full body massage ladies and gents. 8327740003.
D-71813

Refreshing your mind and body with the best therapy. 7873794731.
D-71197

Newly open SPA positively health benefits by expert therapist. 7846814019.
D-71433

Newly open SPA positively health benefit with expert. Contact: 7749976301.
D-71194

DIWALI OFFER Saikrupa Spa @899/- health benefits with Expert. 8984068077.
D-22060

Lotus SPA get refreshment, full body massage by smart/ expert therapist. Contact: 8018891951.
D-71193

Newly open spa center, November Dhamaka 599/-, Smart therapist. 8455987557.
D-71434

### LOST

I, Siddharth Pradhan, S/o-Pradip Kumar Pradhan, R/o-Bhima Bhoi Nagar, PO. Budharaja, PS. Ainthapali, Dist. Sambalpur, Odisha affirm that he is the holder of the B-Tech. Certificate bearing Regd. No. 1201300038, Srl. No. D08160115671 issued by VC, BPUT, Odisha, Rourkela. He has lost the aforesaid Certificate on the way from Budharaja to Ainthapali on Dt. 24.05.2018 at arround 5.00 P.M.
D-22185

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।**


# ବଙ୍ଗୋପସାଗର ନାମ କଳିଙ୍ଗସାଗର କରିବାକୁ ଦାବି

ଭୁବନେଶ୍ୱର, ୭।୧୧ (ବ୍ୟୁରୋ)

ବଙ୍ଗୋପସାଗରର ନାମ ପରିବର୍ତ୍ତନ କରି ତାହାକୁ 'କଳିଙ୍ଗ ସାଗର' କରିବା ପାଇଁ ଉତ୍କଳ ସମ୍ମିଳନୀ ପକ୍ଷରୁ ଦୀର୍ଘଦିନ ଧରି ଦାବି କରାଯାଉଛି। ଏହି ପରିପ୍ରେକ୍ଷୀରେ ରବିବାର କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ପତ୍ର ପ୍ରଦାନ କରାଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୨୦୧୯ ଡିସେମ୍ବରରେ ବାଲିଯାତ୍ରାକୁ ଆମ ଦେଶର ଗୌରବ ବୋଲି ବିଦେଶ ମାଟିରେ ଦେଇଥିବା ଭାଷଣ ଛଳରେ କହିଥିଲେ। ଇତିହାସ କହେ, ଏହି ସାଗରର ନାମ ପୂର୍ବରୁ କଳିଙ୍ଗ ସାଗର ଥିଲା। ଓଡ଼ିଆମାନେ ଏହି ସାଗର ଦେଇ ସମୁଦ୍ର ପଥରେ ବାଣିଜ୍ୟ କରିବାକୁ ବିଦେଶ ଯାଉଥିଲେ। ଏଣୁ ଇତିହାସକୁ ମନେ ପକାଇଦେଇ ଓଡିଶା ମାଟିକୁ ଲାଗି ରହିଥିବା ସମୁଦ୍ରର ନାମ ବଙ୍ଗୋପସାଗର ବଦଳରେ କଳିଙ୍ଗ ସାଗର ନାମରେ ନାମିତ କରିବାକୁ ଦାବି କରାଯାଇଛି। ନିକଟରେ ତୀର୍ଥକ୍ଷେତ୍ର ପୁରୀର ନାମ ପରିବର୍ତ୍ତନ କଥା ଉଠିଛି। ତେବେ ଏହି ପ୍ରସଙ୍ଗ ଅପେକ୍ଷା ଓଡିଶାର ସୀମାକୁ ପ୍ରାୟ ୫୨୨ କିଲୋମିଟର ପର୍ଯ୍ୟନ୍ତ ଲାଗି ରହିଥିବା ସମୁଦ୍ରର ନାମ ପରିବର୍ତ୍ତନ ଅଧିକ ଗୁରୁତ୍ୱ ବହନ କରୁଛି ବୋଲି ସମ୍ମିଳନୀ ପକ୍ଷରୁ କୁହାଯାଇଛି।

## ପ୍ରଥମ ପୃଷ୍ଠାରୁ...

# ସାତପଡ଼ାରେ ବୋମାମାଡ଼, ...

ହସ୍ତକ୍ଷେପ କରିଥିଲା। ଏପରି କି ତତ୍କାଳୀନ ତହସିଲଦାର ଏ ସମ୍ପର୍କରେ ଆଲୋଚନା କରିବାକୁ ଯାଇଥିବାବେଳେ ଆକ୍ରମଣର ଶିକାର ହୋଇଥିଲେ। ପରେ ପ୍ରଶାସନ ପକ୍ଷରୁ ଅଞ୍ଚଳବାସୀଙ୍କ ସହିତ ଆଲୋଚନା କରାଯାଇଥିଲା। କରୋନା ପ୍ରଭାବ କମିବା ପରେ ତଥା ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ଉକ୍ତ ଗୋଚର ଜମିକୁ ଛାଡ଼ିବା ପାଇଁ ସମ୍ପୃକ୍ତ ଦଳିତ ଗୋଷ୍ଠୀ ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ସମୟ ସୀମା ଶେଷ ପରେ ବି ସେମାନେ ଉକ୍ତ ସ୍ଥାନ ଛାଡ଼ି ଚାଲିଯିବା ପରିବର୍ତ୍ତେ ସ୍ଥାୟୀ ଘର କରି ରହିବା ପାଇଁ ମସୁଧା ଚଳାଇଥିଲେ। ଏ ସମ୍ପର୍କରେ ସୂଚନା ପାଇବା ପରେ ୩୫ ମୌଜାର ମୁରବିମାନେ ରବିବାର ଅପରାହ୍ନରେ ଏକ ବୈଠକ କରିଥିଲେ। ସମ୍ପୃକ୍ତ ଗୋଷ୍ଠୀର ଲୋକଙ୍କୁ ହଟାଇବା ପାଇଁ ସେମାନେ ନିଷ୍ପତ୍ତି ନେଇଥିଲେ। ଏଥିଲାଗି ମୁରବିମାନଙ୍କ ମଧ୍ୟରୁ ପ୍ରାୟ ୨୦ଜଣ ସମ୍ପୃକ୍ତ ଗୋଷ୍ଠୀଙ୍କ ସହ ଆଲୋଚନା କରିବାକୁ ଯାଇଥିଲେ। ଏହି ସମୟରେ ମୁରବିମାନଙ୍କ ଉପରକୁ ଉକ୍ତ ଗୋଷ୍ଠୀ ଅତର୍କିତ ଆକ୍ରମଣ ସହ ବୋମାମାଡ଼ କରିଥିଲେ। ଏହି ଖବର ପାଇ ୩୫ ମୌଜାର ଲୋକେ ସେଠାରେ ପହଞ୍ଚି ପାଲଟା ଆକ୍ରମଣ କରିଥିଲେ। ଗୁଳିଚାଳନା ଓ ଘନଘନ ବୋମା ମାଡ଼ରେ ବିସ୍ଥାପିତ ବସ୍ତି ସମ୍ପୂର୍ଣ୍ଣ ଜଳିଯାଇଥିଲା। ନିଆଁ ଲିଭାଇବା ପାଇଁ ବ୍ରହ୍ମଗିରି ଓ ପୁରୀରୁ ଅଗ୍ନିଶମ ବାହିନୀ ପହଞ୍ଚିଥିଲେ ବି ସେତେବେଳକୁ ବହୁ ବିଳମ୍ବ ହୋଇଯାଇଥିଲା। ଗୋଷ୍ଠୀ ସଂଘର୍ଷରେ ଗମ୍ଭାରି ଗ୍ରାମର ରାଜେନ୍ଦ୍ର ପରିଡ଼ାଙ୍କ ମୁଣ୍ଡ ଫାଟିଛି। ୧୦ରୁ ଊର୍ଦ୍ଧ୍ୱ ବ୍ୟକ୍ତି ଆହତ ହୋଇଥିବାବେଳେ ବାଇକ୍ ଏବଂ ଅନ୍ୟାନ୍ୟ ଜିନିଷପତ୍ର ଭଙ୍ଗାରୁଜା ହୋଇଛି। ସେହିପରି ରୁପକ ଭୋଇଙ୍କ ବେକରେ ଗୁଳି ବାଜିଛି। ଏଭଳି ଘଟଣା ବେଳେ ପୋଲିସ ଉପସ୍ଥିତ ଥାଇ ମଧ୍ୟ ନୀରବଦ୍ରଷ୍ଟା ସାଜିଥିଲା ବୋଲି ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ ଆହତଙ୍କ ମଧ୍ୟରୁ ୨ଜଣଙ୍କୁ କଟକ ଏସ୍‌ସିବିକୁ ପଠାଯାଇଥିବାବେଳେ ଅନ୍ୟ କେତେଜଣ ବ୍ରହ୍ମଗିରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି। ସେହିପରି ଗିରଫଦାରି ଭୟରେ ଅନେକ ବ୍ୟକ୍ତି ଗାଁ ଛାଡ଼ି ଫେରାର ହୋଇଯାଇଥିବା ଜଣାପଡ଼ିଛି। ଏବେ ବି ଘଟଣାସ୍ଥଳରେ ଚାପା ଉତ୍ତେଜନା ଲାଗିରହିଥିବାରୁ ୫ ପ୍ଲାଟୁନ୍ ପୋଲିସ ଫୋର୍ସ ମୁତୟନ କରାଯାଇଛି। ତେବେ ସ୍ଥିତି ନିୟନ୍ତ୍ରଣାଧୀନ ରହିଛି ଏବଂ ପୋଲିସ କଡ଼ା ନଜର ରଖିଛି ବୋଲି ଏସ୍‌ପି ସିଂ କହିଛନ୍ତି।

### ବିସ୍ଥାପିତ ଗୋଷ୍ଠୀଙ୍କ ସମର୍ଥନରେ ରାସ୍ତାରୋକୋ

ଘଟଣା ପରେ ବିସ୍ଥାପିତ ଗୋଷ୍ଠୀଙ୍କୁ ସମର୍ଥନ ଜଣାଇ ସ୍ଥାନୀୟ ପଣସପଦା କାଜିଭୋଇସାହି ଗ୍ରାମର ଲୋକେ ପୁରୀ-ସାତପଡ଼ା ରାସ୍ତାକୁ ପଣସପଦାଠାରେ ଅବରୋଧ କରିଥିଲେ। ସେହିପରି କେତେଜଣ ବିସ୍ଥାପିତ ମଧ୍ୟ ରାସ୍ତାରୋକୋ କରିଥିଲେ। ଫଳରେ ଦୀର୍ଘ ସମୟ ଧରି ଗାଡ଼ି ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ପୋଲିସ ପହଞ୍ଚି ଆଲୋଚନା କରିବା ପରେ ଅବରୋଧ ହଟିଥିଲା।

### ସମର୍ଥନ ସନ୍ଦେହରେ ଆକ୍ରମଣ: ୬ ଗୁରୁତର

ସମ୍ପୃକ୍ତ ବିସ୍ଥାପିତ ଦଳିତ ଗୋଷ୍ଠୀଙ୍କୁ ସ୍ଥାନୀୟ ବନ୍ଧମୁଣ୍ଡା ଗ୍ରାମର ଭୋଇସାହି ବାସିନ୍ଦା ସମର୍ଥନ ଦେଉଥିବା ସନ୍ଦେହ କରି ପ୍ରତିପକ୍ଷ ଗୋଷ୍ଠୀ ଆକ୍ରମଣ କରିଛି। ଆକ୍ରମଣରେ ୬ଜଣ ଗୁରୁତର ଆହତ ହୋଇଛନ୍ତି। ଆହତମାନଙ୍କୁ ପ୍ରଥମେ ରେବଣା ନୂଆଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ପରେ ସେମାନଙ୍କ ମଧ୍ୟରୁ ୪ଜଣଙ୍କୁ ସଙ୍କଟାପନ୍ନ ଅବସ୍ଥାରେ ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜିର ଚନ୍ଦ୍ର ସହ ଶୁକ୍ର ସଂଯୁକ୍ତ ହେତୁ ପାରିବାରିକ ସମସ୍ୟା ସମାଧାନରେ ବନ୍ଧୁ ମାର୍ଗଦର୍ଶକ ସାଜିବେ। ଧାର କରଜ କରି କାମ ଚଳାଇନେବେ। ଯାତ୍ରା, ଆନୁଷ୍ଠାନିକ କାମ, ପରିବହନ, ବ୍ୟବସାୟ ବାଣିଜ୍ୟ କ୍ଷେତ୍ରରେ ସୁଫଳ ପ୍ରାପ୍ତି ହୋଇପାରେ। କର୍ମକ୍ଷେତ୍ରରେ ସାଧାରଣ ଘଟଣାକୁ କେନ୍ଦ୍ରକରି ମନସ୍ତାପ କରିବାକୁ ପଡ଼ିପାରେ।

**ବୃଷ**
ମାପିଚୁପି ନ ଚଳିଲେ ଆକସ୍ମିକ କଳହ ଲାଗିପାରେ। ମୃଗଶିରା ନକ୍ଷତ୍ରର ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନ ପାଇଁ ଅସୁବିଧା ହେବ ନାହିଁ। କର୍ମକ୍ଷେତ୍ରରେ ମନୋବଳ ଟାଣ ରହିବ ଓ ଅଟକି ରହିଥିବା କାମକୁ ଶେଷ କରିବେ। ପରିବାର ମଧ୍ୟରେ ସମସ୍ୟା ଭିତରେ ଗତିକଲେ ମଧ୍ୟ ନିଜକୁ ନିୟନ୍ତ୍ରଣ ମଧ୍ୟରେ ରଖିବା ପାଇଁ ସମର୍ଥ ହେବେ।

**ମିଥୁନ**
ଉକ୍ତ ରାଶି ପ୍ରତି ଗୁରୁଦୃଷ୍ଟି ଯୋଗୁ ଦୀର୍ଘଦିନରୁ ପାରିବାରିକ ସମସ୍ୟା ଥିଲେ ମଧ୍ୟ କାମ ସଫଳତାର ସହ ସମ୍ପନ୍ନ କରିବେ। ନିଜ ପରିସରରେ ଗୋଳମାଳିଆ ପରିସ୍ଥିତିରେ ମଧ୍ୟସ୍ଥତା କରିଥିବାରୁ ଅନ୍ୟକୁ କୈଫିୟତ୍ ଦେବାକୁ ପଡ଼ିପାରେ। ବ୍ୟବସାୟରେ ସମସ୍ୟା ବଡ଼ ଆକାର ହୋଇପାରେ। ସମ୍ପର୍କୀୟଙ୍କ ସହ ମିତ୍ରତା ବନ୍ଧନରେ ଆବଦ୍ଧ ହେବେ।

**କର୍କଟ**
ଅନ୍ୟମାନଙ୍କ କାନକୁହା କଥାକୁ ସତ୍ୟ ମନେକରି କର୍ମକ୍ଷେତ୍ରରେ ସମାଲୋଚନାର ପାତ୍ର ସାଜିବେ। ମଧୁର କଥା କହି ସମସ୍ୟାର ସରଳ ସମାଧାନରେ ସଫଳ ହେବେ। ଅଫିସରେ ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତ ହେବେ। ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ଲାଭ ହେବା ବଦଳରେ କ୍ଷତିରେ ହିଁ ପଡ଼ିବେ।

**ସିଂହ**
କେତୁଙ୍କ କୁପ୍ରଭାବରୁ ପରିବାର ଓ କର୍ମକ୍ଷେତ୍ରରେ ରହିଥିବା ବ୍ୟତିକ୍ରମ ବିଷୟ ଚିନ୍ତାକରି ବିଚଳିତ ହେବେ। ଅଧିକାଂଶ ସମୟ ମାତ୍ରାଧିକ ଭ୍ରମଣ ଯୋଗୁ କ୍ଲାନ୍ତି ଅନୁଭବ କରିପାରନ୍ତି। ବହୁତ ଦିନରୁ ଲାଗି ରହିଥିବା ରୋଗ, ଋଣ ଓ ପରୋକ୍ଷ ଶତ୍ରୁତା ଯୋଗୁ ବ୍ୟସ୍ତ ରହିବେ। ପ୍ରତ୍ୟେକ କ୍ଷେତ୍ରରେ ସନ୍ଦେହ ଓ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢ଼ିପାରେ।

**କନ୍ୟା**
ନୀଚସ୍ଥ ବୃହସ୍ପତି କୋଣଭାବସ୍ଥ ହେତୁ ବନ୍ଧୁ କଥାରେ ପ୍ରଭାବିତ ହୋଇ ଭୁଲ କରିପାରନ୍ତି। ଧର୍ମଚର୍ଚ୍ଚା, କଳା, ସାହିତ୍ୟ ଓ ସାମ୍ବାଦିକତା କ୍ଷେତ୍ରରେ ସମ୍ମାନିତ ହେବେ। ସଭା ସମିତିରେ ସମସ୍ୟା ସମାଧାନର ରାସ୍ତା ଖୋଜି ପାଇବେ। ବନ୍ଧୁଙ୍କ ସହ ଆଲୋଚନା କରିବାର ସୁଯୋଗ ଲାଭ କରି ଆଜିର ସନ୍ଧ୍ୟା ସମୟଟି ପ୍ରାୟତଃ ଭଲ ରହିବ।

**ତୁଳା**
ପରିବାରରେ ସୁଖ ଶାନ୍ତି ଫେରାଇ ଆଣିବାକୁ ଚେଷ୍ଟା କଲେ ସଫଳ ହେବେ। ଚିତ୍ରା ନକ୍ଷତ୍ର ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ସଫଳତା ଅବଶ୍ୟ ମିଳିବ। ସାଧାରଣ କଥାରେ ତର୍କ କାରଣରୁ ସ୍ତ୍ରୀଙ୍କ ସହ ମତପାର୍ଥକ୍ୟ ଦେଖାଦେଇପାରେ। ରଚନାତ୍ମକ କାମ, ସାହିତ୍ୟ ଓ ସାମ୍ବାଦିକତା କ୍ଷେତ୍ରରେ, ଚୁକ୍ତିପତ୍ର କରିବାରେ ସଫଳ ହେବେ।

**ବିଛା**
କର୍ମକ୍ଷେତ୍ରରେ ସାହସିକତା ପ୍ରଦର୍ଶନ କରି ପ୍ରଶଂସିତ ହେବେ। କ୍ରୀଡ଼ା, କଳା, ସାମ୍ବାଦିକତା, ପ୍ରଶାସନ, ରାଜନୀତି , ସାହିତ୍ୟ ଓ ସଙ୍ଗୀତରେ ସୁନାମ ଅର୍ଜନ କରିବେ। ସତର୍କତା ଅଭାବରୁ ଯାନବାହନରେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇପାରେ। ସରକାରୀ କାମ ଓ ପଦସ୍ଥ ବ୍ୟକ୍ତିବିଶେଷଙ୍କ ଦେଖାସାକ୍ଷାତ୍‌ରୁ ଉପକୃତ ହେବେ।

**ଧନୁ**
ଉତ୍ତରାଷାଢ଼ା ନକ୍ଷତ୍ରର ଅନ୍ୟମନସ୍କତା ଓ ଭାବପ୍ରବଣତା ଯୋଗୁ ମନୋବଳ ହ୍ରାସ ପାଇବ। ବ୍ୟବସାୟ ଓ ପରିବହନ କ୍ଷେତ୍ରରେ ସ୍ଥଗିତ କାମକୁ ପୂରା କରିବେ। ଅସମର୍ଥିତ ସୂତ୍ରରୁ ଶୁଣାକଥାକୁ ବିଶ୍ୱାସ କଲେ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି। ବକେୟା ଅର୍ଥ ଆଦାୟ କରିବାରେ ଜଣେ ବନ୍ଧୁ ସାହାଯ୍ୟ କରିବାକୁ ଆଗେଇ ଆସିବେ।

**ମକର**
ଶନିଙ୍କ ପ୍ରଭାବରୁ ଯେତେ ଚେଷ୍ଟା କଲେ ମଧ୍ୟ କାମଗୁଡ଼ିକ ବିଳମ୍ବ ହେବ। ନୂତନ କାର୍ଯ୍ୟରେ ହାତ ଦେବାକୁ ସ୍ଥିର କରି ଅସୁବିଧାର ସମ୍ମୁଖୀନ ହେବେ। କଥା ଦେଇଥିବା ବନ୍ଧୁ ଠିକ୍ ସମୟରେ ନ ଫେରିବା କାରଣରୁ ପ୍ରତୀକ୍ଷାଜନିତ ଯନ୍ତ୍ରଣା ତୀବ୍ର ହେବ। ପରିବାର କ୍ଷେତ୍ରରେ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ ବଢ଼ିପାରେ।

**କୁମ୍ଭ**
କର୍ମକ୍ଷେତ୍ରରେ ଆତ୍ମୀୟତାର ସହ କାମ କରି ମଧ୍ୟ ଓଲଟା ଫଳ ପାଇବେ। ମଙ୍ଗଳ ଓ ଶନିଙ୍କ ଶତ୍ରୁତା କାରଣରୁ ପଡ଼ୋଶୀ କିମ୍ବା ସହକର୍ମୀଙ୍କ ଆଭ୍ୟନ୍ତରୀଣ ବ୍ୟାପାରରେ ମୁଣ୍ଡ ପୂରାନ୍ତୁ ନାହିଁ। ପରିବାର ଓ ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ସମାଧାନ ହୋଇପାରିବ। ଆନୁଷ୍ଠାନିକ କାର୍ଯ୍ୟ, କଚେରି, ଜମିଜମା ବିବାଦରେ ଉପକୃତ ହେବେ।

**ମୀନ**
ପରିବାର ମଧ୍ୟରେ ବିଭିନ୍ନ ସମସ୍ୟାର ସାମ୍ନା କରି ନ ପାରି ବିବ୍ରତ ହେବେ। ପାଖପଡ଼ୋଶୀ ଏବଂ ସହକର୍ମୀଙ୍କ ସହାନୁଭୂତି ଯୋଗୁ କାମଗୁଡ଼ିକ ସମ୍ପନ୍ନ କରିବାରେ ବିଶେଷ ଅସୁବିଧା ହେବ ନାହିଁ। ଅତି ଭଲ ସମ୍ପର୍କ ରହିଥିବା ବନ୍ଧୁଙ୍କ ନିକଟରୁ ଅନାଦର ପାଇପାରନ୍ତି। ଦୋକାନ, ନିର୍ମାଣ, ଯାତ୍ରା, ବିବାଦ, ସଭାସମିତି ପ୍ରଭୃତିରୁ ଆଶ୍ୱସ୍ତି ଲାଭ କରିବେ।

# ଖସୁଛି ପାରଦ, ...

୧୯, ତାଳଚେର ୧୭, ଭବାନିପାଟଣା ୧୫, ମାଲକାନଗିରି ୧୬.୫, ସୋନପୁର ୧୬.୫ ଓ ନୟାଗଡ଼ରେ ସର୍ବନିମ୍ନ ୧୭.୭ ଡିଗ୍ରୀ ତାପମାତ୍ରା ରହିଥିଲା। ତେବେ ଆସନ୍ତା ଦୁଇଦିନ ପର୍ଯ୍ୟନ୍ତ ରାଜ୍ୟରେ ପାଗ ଶୁଖିଲା ରହିବ। ୧୦ ତାରିଖରୁ ରାଜ୍ୟର ବିଭିନ୍ନ ସ୍ଥାନରେ ସ୍ୱଳ୍ପ ପରିମାଣର ବର୍ଷା ହେବା ସମ୍ଭାବନା ରହିଛି। ଉକ୍ତଦିନ ମାଲକାନଗିରି, କୋରାପୁଟ, ରାୟଗଡ଼ା, ନବରଙ୍ଗପୁରରେ ଏବଂ ୧୧ ତାରିଖରେ ମାଲକାନଗିରି, କୋରାପୁଟ, ରାୟଗଡ଼ା, ନବରଙ୍ଗପୁରର କିଛି ସ୍ଥାନରେ ଓ ଗଜପତି, ଗଞ୍ଜାମ, କନ୍ଧମାଳ, କଳାହାଣ୍ଡିର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ସ୍ୱଳ୍ପ ଧରଣର ବର୍ଷା ହେବ ବୋଲି ପାଣିପାଗ କେନ୍ଦ୍ର ଆଶଙ୍କା କରିଛି।

**ଆଜବେଷ୍ଟସ୍ ଭାଙ୍ଗି ଲୁଟ୍**

**ରାଉରକେଲା ଅଫିସ୍:** ରାଉରକେଲା ଝିରପାଣି ଥାନା ଅନ୍ତର୍ଗତ ଜଗଦା ପେଟ୍ରୋଲ ପମ୍ପ ନିକଟରେ ଥିବା ଏକ ଦୋକାନ ଆଜବେଷ୍ଟସ ଭାଙ୍ଗି ଶନିବାର ବିଳମ୍ବିତ ରାତିରେ ଲୁଟ ହୋଇଛି। ଏ ନେଇ ଥାନାରେ ଅଭିଯୋଗ ହେବା ପରେ ପୋଲିସ ତଦନ୍ତ ଆରମ୍ଭ କରିଛି। ଜଗଦା ମାର୍କେଟରେ ଏଲ୍‌ଡ଼ି ଟ୍ରେଡର୍ସ ମାର୍ବଲ ଦୋକାନର ମାଲିକ ଗଣେଶ ପ୍ରସାସ ଶନିବାର ରାତି ଦଶଟାରେ ଦୋକାନ ବନ୍ଦ କରି ଘରକୁ ଯାଇଥିଲେ। ବିଳମ୍ବିତ ରାତିରେ କେହି ଦୁର୍ବୃତ୍ତ ତାଙ୍କ ଦୋକାନ ଆଜବେଷ୍ଟସ୍ ଭାଙ୍ଗି ୧୦ ହଜାର ଟଙ୍କା ଓ ଲ୍ୟାପ୍‌ଟପ୍ ନେଇଯାଇଥିଲେ। ରବିବାର ସକାଳେ ଦୋକାନ ମାଲିକ ଆଜବେଷ୍ଟସ୍ ଭାଙ୍ଗାଯାଇଥିବା ଦେଖିଥିଲେ।

## ଆଜି କ'ଣ କେଉଁଠି

ସମ୍ବଲପୁର

- ଜିଲା ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ବିକ୍ଷୋଭ, ପୋଲିସ ଡିଆଜି ଅଫିସ ସମ୍ମୁଖ, ପୂର୍ବାହ୍ନ ୧୧ଟା।
- ଜିଲାସ୍ତରୀୟ ଜୁନିୟର ଫୁଟବଲ ଟୁର୍ଣ୍ଣାମେଣ୍ଟ, ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମ, ଅପରାହ୍ନ ୨ଟା।

## ସଂକ୍ଷେପରେ

### ମୋବାଇଲ ଚୋରି, ଯୁବକ ଗିରଫ

**ରାଉରକେଲା ଅଫିସ୍,୭।୧୧:** ସୁନ୍ଦରଗଡ଼ ଜିଲା ରଘୁନାଥପାଲି ଥାନା ଅନ୍ତର୍ଗତ ରାଉରକେଲା ସରକାରୀ ଡାକ୍ତରଖାନାରୁ ମୋବାଇଲ ଚୋରି ଅଭିଯୋଗରେ ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ବିନୟ ସିଂ(୨୪)। ପୋଲିସ ଏ ନେଇ ଏକ ମାମଲା (ନଂ.୨୦୮/୨୧) ରୁଜୁ କରି ରବିବାର ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି। ସୂଚନା ଅନୁସାରେ, ବେଦବ୍ୟାସ ଅଞ୍ଚଳର କୌଶଲ୍ୟା ସାହୁ ଗତ ୪ ତାରିଖରେ ତାଙ୍କ ମା'ଙ୍କୁ ରାଉରକେଲା ସରକାରୀ ଡାକ୍ତରଖାନାରେ ଚିକିତ୍ସା ପାଇଁ ଭର୍ତ୍ତି କରିଥିଲେ। ଶନିବାର କୌଶଲ୍ୟା ତାଙ୍କ ମା'ଙ୍କ ଶଯ୍ୟା ପାଖରେ ମୋବାଇଲ ଚାର୍ଜରେ ବସାଇ ପାଣି ଆଣିବାକୁ ଯାଇଥିଲେ। ଏହି ସମୟରେ ବିନୟ ମୋବାଇଲ ଚୋରି କରି ଫେରାର ହୋଇଯାଇଥିଲେ।

### ଶ୍ରମିକଙ୍କୁ ଭ୍ରମିତ କରାଯାଇଛି: ଆରଏମ୍ଏସ୍

**ରାଉରକେଲା ଅଫିସ୍,୭।୧୧:** ଆସନ୍ତା ୧୫ ତାରିଖରେ ଆରଏସ୍‌ପିରେ ୟୁନିୟନ ନିର୍ବାଚନ ହେବ। ଏହାକୁ ଦୃଷ୍ଟିରେ ରଖି ଏକ ନିର୍ଦ୍ଦିଷ୍ଟ ଶ୍ରମିକ ସଙ୍ଗଠନ ରାଉରକେଲା ମଜଦୁର ସଭା (ଆରଏମ୍ଏସ୍)କୁ ନେଇ ଭ୍ରମାତ୍ମକ ପ୍ରଚାର କରି ଆରଏସ୍‌ପିରେ କାର୍ଯ୍ୟରତ ଶ୍ରମିକମାନଙ୍କୁ ନିଜ ସଙ୍ଗଠନରେ ସାମିଲ କରିଥିବା ଆରଏମ୍ଏସ୍ ପକ୍ଷରୁ କୁହାଯାଇଛି। ଏଭଳି ପ୍ରଚାର ଉଦ୍ଦେଶ୍ୟ ପ୍ରଣୋଦିତ ଏବଂ ଏହା ରାଉରକେଲା ମଜଦୁର ସଭାର ସାଙ୍ଗଠନିକ ସ୍ୱାର୍ଥ ବିରୋଧୀ। ଏ ନେଇ ଶ୍ରମିକ କର୍ମଚାରୀ ସଜାଗ ରହି ଏଭଳି ବିଭ୍ରାନ୍ତକର ପ୍ରଚାରର ଉଚିତ ଜବାବ ନିର୍ବାଚନରେ ଦେବାକୁ ଆର୍‌ଏମ୍ଏସ୍‌ର ସାଧାରଣ ସମ୍ପାଦକ ଶଶଧର ନାୟକ କହିଛନ୍ତି।

### ଆଇନଜୀବୀ ସାମ୍ମୁଖ୍ୟ ତରଫରୁ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷଙ୍କୁ ସମ୍ବର୍ଦ୍ଧନା

**ସୁନ୍ଦରଗଡ,୭।୧୧(ଡି.ଏନ.ଏ.):** ବିଜୁ ଜନତା ଦଳ ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୁନ୍ଦରଗଡ଼ ସାଙ୍ଗଠନିକ ଜିଲା ସଭାପତି ବିନୟ କୁମାର ଟପ୍ପୋଙ୍କୁ ଦ୍ୱିତୀୟ ଥର ପାଇଁ ଜିଲା ସ୍ୱତନ୍ତ୍ର ଉନ୍ନୟନ ବିକାଶ ପରିଷଦ ଅଧ୍ୟକ୍ଷ ଦାୟିତ୍ୱ ପ୍ରଦାନ କରିଛନ୍ତି। ଏଥିପାଇଁ ବିଜୁ ଜନତା ଦଳ ଆଇନଜୀବୀ ସାମ୍ମୁଖ୍ୟ ତରଫରୁ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଆବାହକ ଅଶୋକ କୁମାର ସ୍ୱାଇଁ, ବରିଷ୍ଠ ଆଇନଜୀବୀ କିଶୋର କୁମାର ନାଏକ, ଧର୍ମେଶ ପଟେଲ, ପ୍ରଦୀପ ମହାପାତ୍ର, ଦେବାଶିଷ ମିଶ୍ର, ବୀରେନ ରାଉତରାୟ, ସ୍ୱରାଜ ପଟେଲ, ନିହାର ରଞ୍ଜନ ନନ୍ଦୀ, ଅଶୋକ ନାଏକ, ରାଜେନ୍ଦ୍ର ଲେଙ୍କା, କୀର୍ତ୍ତିକୃଷ୍ଣ ସାମନ୍ତରାୟ ପ୍ରମୁଖ ବିନୟ ଟପ୍ପୋଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ କରିଥିଲେ।

### ନିଟ୍‌ରେ ଉତ୍ତୀର୍ଣ୍ଣ ହେଲେ ସୁଦୀପ୍ତ

**ରାଉରକେଲା ଅଫିସ, ୭।୧୧:** ସର୍ବଭାରତୀୟ ମେଡିକାଲ ପାଠ୍ୟକ୍ରମରେ ନାମଲେଖା ପାଇଁ ଅନୁଷ୍ଠିତ ପ୍ରବେଶିକା ପରୀକ୍ଷା ନିଟ୍‌ରେ ସଫଳତା ହାସଲ କରିଛନ୍ତି ଦକ୍ଷିଣ ରାଉରକେଲା ସାରନଗରୀ ଅଞ୍ଚଳର ସୁଦୀପ୍ତ ଜ୍ୟୋତିଷ(୧୮)। ସାରନଗରୀ ବି ବ୍ଲକରେ ରହୁଥିବା ଶିକ୍ଷକ ସୁବାସ ଜ୍ୟୋତିଷ ଓ ଛନ୍ଦାରାଣୀ ଜ୍ୟୋତିଷଙ୍କ ପୁଅ ସୁଦୀପ୍ତ। ସେ ଏହି ପରୀକ୍ଷାରେ ୭୨୦ ମାର୍କରୁ ୬୮୫ ମାର୍କ ରଖି ସର୍ବଭାରତୀୟ ସ୍ତରରେ ୬୪୦ତମ ସ୍ଥାନ ହାସଲ କରି ରାଉରକେଲା ତଥା ଜିଲା ପାଇଁ ଗୌରବ ଆଣିଛନ୍ତି। ଶୁକ୍ରବାର ଏହି ଖବର ପ୍ରକାଶ ପାଇବା ପରେ ବିଭିନ୍ନ ସାମାଜିକ ସଙ୍ଗଠନ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ସୁଦୀପ୍ତ ଛେଣ୍ଡ ସ୍ଥିତ ଚିନ୍ମୟ ପବ୍ଲିକ ସ୍କୁଲରେ ମାଟ୍ରିକ ପର୍ଯ୍ୟନ୍ତ ପାଠ ପଢ଼ିଥିବାବେଳେ ବର୍ତ୍ତମାନ ଭୁବନେଶ୍ୱରର ଏକ ଘରୋଇ ଶିକ୍ଷାନୁଷ୍ଠାନରେ ଯୁକ୍ତ ଦୁଇ ଶିକ୍ଷା ସମାପ୍ତ କରିଛନ୍ତି। ଏ ନେଇ ସୁଦୀପ୍ତ କହିଛନ୍ତି, ଛୋଟ ଦିନରୁ କୌଣସି ଗରିବ ଓ ଅସହାୟ ଲୋକଙ୍କୁ ଦେଖିଲେ ସେମାନଙ୍କୁ ସାହାଯ୍ୟ କରିବା ପାଇଁ ମନରେ ଅନେକ ଆଶା ଥାଏ। ତେଣୁ ଭଗବାନ ମୋତେ ଏହି ସୁଯୋଗ ଦେଇଛନ୍ତି। ମୁଁ ନିଶ୍ଚୟ ଏହାକୁ କାମରେ କରି ଦେଖାଇବି।

# ଆଧୁନିକ ମେଟାଲିକ୍ସର ଶ୍ରମିକ ଶୋଷଣ ନୀତିକୁ ବିରୋଧ

**ରାଉରକେଲା ଅଫିସ୍, ୭।୧୧**



ଖବରଦାତା ସମ୍ମିଳନୀରେ ଉପସ୍ଥିତ ଶ୍ରମିକ ନେତା।

ରାଉରକେଲା ବିଶ୍ରା ରୋଡ୍ ସ୍ଥିତ ସୁନ୍ଦରଗଡ଼ ଜିଲା ଶିଳ୍ପାଞ୍ଚଳ ଶ୍ରମିକ ସଭା କାର୍ଯ୍ୟାଳୟରେ ରବିବାର ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏଥିରେ ସାଧାରଣ ସମ୍ପାଦକ ଦିଗମ୍ବର ମହାନ୍ତି ଅଧ୍ୟକ୍ଷତା କରିଥିଲେ। ଏହି ସମ୍ମିଳନୀରେ ଆଧୁନିକ ମେଟାଲିକ୍ସର ଶ୍ରମିକ ଶୋଷଣ ନୀତିକୁ ବିରୋଧ କରି ବକ୍ତାମାନେ ନିଜର ମତ ରଖିଥିଲେ। ଜିଲାର ଦ୍ୱିତୀୟ ବୃହତ୍ କାରଖାନା ଆଧୁନିକ ମେଟାଲିକ୍ସରେ ଶ୍ରମିକ ଶୋଷଣ ଚରମ ସୀମାରେ ପହଞ୍ଚିଛି। ଏହି କମ୍ପାନୀ ପୁରୁଣା ଶ୍ରମିକମାନଙ୍କୁ ପିଏଫ୍, ଇଏସ୍ଆଇ ଓ ୨୨ ମାସର ଦରମା ନ ଦେଇ ଛଟେଇ କରିଛି। ଏହି କାରଖାନାକୁ ନେଇଥିବା ଲିବର୍ଟି ହାଉସ ଗ୍ରୁପ୍ ପୂର୍ବରୁ ଦୀର୍ଘବର୍ଷ ଧରି କାମ କରୁଥିବା ଶ୍ରମିକମାନଙ୍କୁ ନିଯୁକ୍ତି ନ ଦେଇ ରାଜ୍ୟ ବାହାରୁ ଅଧିକ ଦରମାରେ ଶ୍ରମିକଙ୍କୁ ନିଯୁକ୍ତି ଦେଉଛି। ଫଳରେ ସ୍ଥାନୀୟ ଶ୍ରମିକମାନେ ହଇରାଣ ହେଉଛନ୍ତି। ସେହିପରି କାରଖାନାରେ ଠିକା ଶ୍ରମିକମାନେ ଦରମା ଓ ଅନ୍ୟାନ୍ୟ ପ୍ରାପ୍ୟ ପାଇନାହାନ୍ତି। ତେଣୁ ସେମାନଙ୍କୁ ତୁରନ୍ତ ନିଯୁକ୍ତି, କାରଖାନାରୁ ଅବସର ନେଇଥିବା ଶ୍ରମିକମାନଙ୍କ ସମସ୍ତ ଆଇନଗତ ପ୍ରାପ୍ୟ ପ୍ରଦାନ ସହ ଭବିଷ୍ୟନିଧି ଦେୟ ବାବଦକୁ ବାକିଥିବା ସମସ୍ତ ଦେୟ ତୁରନ୍ତ ପ୍ରଦାନ କରିବା ପାଇଁ ସାଧାରଣ ସମ୍ପାଦକ ମହାନ୍ତି ଦାବି କରିଛନ୍ତି। ଏହି ସମ୍ମିଳନୀରେ ହିନ୍ଦ୍ ମଜଦୁର ସଭାର କାର୍ଯ୍ୟକାରୀ ସଭାପତି ଦେବେନ୍ଦ୍ର ନାଥ ଆଚାର୍ଯ୍ୟ, ସୁନ୍ଦରଗଡ ଜିଲା ଶ୍ରମିକ ସଭାର ଉପସଭାପତି ମହେଶ୍ୱର ମହାପାତ୍ର, ସର୍ବେଶ୍ୱର ସାହୁ, ଦିଲୀପ ସାହୁ, ପ୍ରମୋଦ କୁମାର ପ୍ରଧାନ, ଜଗନ୍ନାଥ ଓଝା, ମନୋରଞ୍ଜନ ମହାନ୍ତି,ବବଲୁ ଓଝା ପ୍ରମୁଖ ଉପସ୍ଥିତ ଥିଲେ। ତେବେ ଏ ସମ୍ପର୍କରେ ଆଧୁନିକ ମେଟାଲିକ୍ସ କର୍ତ୍ତୃପକ୍ଷଙ୍କ ମତାମତ ମିଳିପାରିନାହିଁ।

## ଆୟ ବୃଦ୍ଧି, ସାମାଜିକ ସୁରକ୍ଷାକୁ ପ୍ରାଥମିକତା

**ରାଉରକେଲା ଅଫିସ୍, ୭।୧୧**

ରାଉରକେଲା ଇସ୍ପାତ କାରଖାନା (ଆରଏସ୍‌ପି) କର୍ମଚାରୀମାନଙ୍କ ଆୟକୁ ବର୍ଦ୍ଧିତ କରି ସେମାନଙ୍କୁ ସାମାଜିକ ସୁରକ୍ଷା ପ୍ରଦାନ କରିବା ରାଉରକେଲା ଶ୍ରମିକ ସଂଘ (ଆରଏସ୍ଏସ୍)ର ନୈତିକ କର୍ତ୍ତବ୍ୟ ଓ ଦାୟିତ୍ୱ ଅଟେ। ଆରଏସ୍‌ପିର ବ୍ଲାଷ୍ଟ ଫର୍ଣ୍ଣେସ, ଏସ୍ଏମ୍ଏସ୍ ୧ ଓ ୨, କୋକ୍‌ଓଭେନ, ସିଣ୍ଟରିଂ ପ୍ଲାଣ୍ଟ, ସିସିଡି, ଅକ୍ସିଜେନ ପ୍ଲାଣ୍ଟ ଆଦି ବିଭାଗର କର୍ମଚାରୀଙ୍କ ବୈଠକରେ ରାଉରକେଲା ଶ୍ରମିକ ସଂଘର ସାଧାରଣ ସମ୍ପାଦକ ପ୍ରଶାନ୍ତ କୁମାର ବେହେରା ଓ ଗାଙ୍ଗପୁର ମଜଦୁର ମଞ୍ଚର ସାଧାରଣ ସମ୍ପାଦକ ଗୋପାଳ ଦାସ ଉଦ୍‌ବୋଧନ ଦେଇ ଏହା କହିଛନ୍ତି। ସଂଘ ସଭାନେତ୍ରୀ ଡି.ଏସ୍. ପାଣିକର ଉକ୍ତ ବୈଠକରେ ଅଧ୍ୟକ୍ଷତା କରିଥିଲେ। ଆରଏସ୍‌ପିରେ କର୍ମଚାରୀଙ୍କ ସଂଖ୍ୟା ଯଥେଷ୍ଟ ହ୍ରାସ ପାଇଥିବା ବେଳେ ହଟ୍ ମେଟାଲ, କ୍ରୁଡ୍ ଷ୍ଟିଲ ଓ ବିକ୍ରିଯୋଗ୍ୟ ଇସ୍ପାତ ଉତ୍ପାଦନ ବଢିଛି। ଫଳରେ ଆରଏସ୍‌ପି ବିଭିନ୍ନ କ୍ଷେତ୍ରରେ ଉତ୍କର୍ଷ ହାସଲ କରିଛି। ଉତ୍ପାଦନ, ଉତ୍ପାଦକତା, ସଞ୍ଚୟ, ସୃଜନାତ୍ମକ କାର୍ଯ୍ୟରେ କାରଖାନାର କର୍ମଚାରୀମାନେ ପ୍ରଶଂସନୀୟ କାର୍ଯ୍ୟ କରୁଥିବା ବେଳେ ପ୍ରତି ମାସରେ ମିଳୁଥିବା ଇନ୍‌ସେଣ୍ଟିଭ, ରିୱାର୍ଡ଼, କ୍ୟୁବିଏମ୍ଏସ୍, ସିସିଆରଏସ୍ ପରିମାଣରେ ବୃଦ୍ଧି ହୋଇନାହିଁ। ଏଣୁ ଆରଏସ୍‌ପିର ଶ୍ରମିକ କର୍ମଚାରୀମାନେ ସେମାନଙ୍କ ଆର୍ଥିକ ସୁରକ୍ଷା ଏବଂ ଆୟବୃଦ୍ଧି ଲାଗି ଆରଏସ୍ଏସ୍ ଓ ଜିଏମ୍ଏମ୍ ଗଠବନ୍ଧନ ସହିତ ରହିବାକୁ ରାଉରକେଲା ଶ୍ରମିକ ସଂଘର ଉପସାଧାରଣ ସମ୍ପାଦକ ଦିଲୀପ ମହାପାତ୍ର ଆହ୍ୱାନ ଦେଇଛନ୍ତି।

# ସିପିଆଇ ପାଳିଲା ଅକ୍ଟୋବର ଦିବସ




ସିପିଆଇ ପକ୍ଷରୁ ଅକ୍ଟୋବର ଦିବସ ପାଳନ କରାଯାଉଛି।

**ରାଉରକେଲା ଅଫିସ୍,୭।୧୧**

ଭାରତୀୟ କମ୍ୟୁନିଷ୍ଟ ପାର୍ଟି (ସିପିଆଇ) ପକ୍ଷରୁ ରାଉରକେଲା ବିଶ୍ରା ରୋଡ ସ୍ଥିତ ହରିବନ୍ଧୁ ଭବନ ପରିସରରେ ରବିବାର ଅକ୍ଟୋବର ଦିବସ ପାଳିତ ହୋଇଛି। ଶ୍ରମିକ ମେହନତି ଶ୍ରେଣୀର ଲାଲ ପତାକାକୁ କମ୍ୟୁନିଷ୍ଟ ନେତା ଏସ୍. କେ ଚାଟାର୍ଜୀ ଉତ୍ତୋଳନ କରି ଐତିହାସିକ ଅକ୍ଟୋବର ଦିବସ ଉପରେ ଆଲୋଚନା କରିଥିଲେ। ସିପିଆଇ ଜିଲା ସମ୍ପାଦକ ପ୍ରଦୋଷ ମହାନ୍ତି, ଜୋନ୍ ସମ୍ପାଦକ ସଦାନନ୍ଦ ସାହୁ, ଏଆଇଟିୟୁସି ଜିଲା ସମ୍ପାଦକ ସନ୍ତୋଷ ଦାସ, ଶ୍ରମିକନେତା ଅଭିମନ୍ୟୁ ମହାନ୍ତି, ନିକୋ କିଷାନ, କୃତିବାସ ନାୟକ, ପଞ୍ଚାନନ ସୁନା, ମହେଶ୍ୱର ବାଗ, କାର୍ତ୍ତିକ ନାୟକ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଶେଷରେ ମହେଶ୍ୱର ଦୀପ ଧନ୍ୟବାଦ ଦେଇଥିଲେ।

# ବିପଦସଙ୍କୁଳ ବୁଲାଣି ରାସ୍ତା

**ସମ୍ବଲପୁର,୭।୧୧(ବ୍ୟୁରୋ)**



ସମ୍ବଲପୁର ଜିଲା ମାନେଶ୍ୱର- ଜୟନ୍ତପୁର ରାସ୍ତା ବିପଦଶଙ୍କୁଳ ବୁଲାଣି ରାସ୍ତା।

ସମ୍ବଲପୁର ମହାନଗର ନିଗମ ଅଧୀନ ମାନେଶ୍ୱରରୁ ଜୟନ୍ତପୁର ଛକ ପର୍ଯ୍ୟନ୍ତ ରାସ୍ତା ବିପଦସଙ୍କୁଳ ଅବସ୍ଥାରେ ରହିଛି। ରାସ୍ତାର ଉଭୟ ପାର୍ଶ୍ୱ ସଫା କରାଯାଉ ନ ଥିବାରୁ ଅନାବନା ଗଛଲତା ଭରି ରହିଛି। ବିଶେଷ କରି ବୁଲାଣି ସ୍ଥାନରେ ସମସ୍ୟା ହେଉଛି। ଏପରିକି ବଡଧରଣର ଦୁର୍ଘଟଣା ଆଶଙ୍କା ରହିଛି ବୋଲି ସ୍ଥାନୀୟ ଲୋକେ ପ୍ରକାଶ କରିଛନ୍ତି। ସାଧାରଣତଃ ବର୍ଷା ଋତୁ ପରେ ପୂର୍ତ୍ତ ବିଭାଗ ପକ୍ଷରୁ ରାସ୍ତାର ଉଭୟ ପାର୍ଶ୍ୱ ସଫା କରାଯାଇଥାଏ। ଅନାବନା ଗଛଗୁଡିକ କାଟିବା ସହ ରାସ୍ତା ପାର୍ଶ୍ୱରେ ସୃଷ୍ଟି ହୋଇଥିବା ଖାଲଖମା ମରାମତି କରାଯାଇଥାଏ। ହେଲେ ବିଭିନ୍ନ ଆଳ ଦେଖାଇ ପୂର୍ତ୍ତ ବିଭାଗ ଏହି କାମ କରୁନାହିଁ। ତେଣୁ ୬ କିଲୋମିଟର ବ୍ୟାପି ଏହିରାସ୍ତା ବିପଦଶଙ୍କୁଳ ହୋଇପଡିଛି। ଏହି ରାସ୍ତାରେ ୮ଟି ବୁଲାଣି ରହିଛି। ଯଥାଶୀଘ୍ର ରାସ୍ତା ମରାମତି ଓ ଗଛଗୁଡିକ କଟାଯାଉ

### ସଫେଇ ପ୍ରତି ଦୃଷ୍ଟି ଦେଉନି ପୂର୍ତ୍ତ ବିଭାଗ

ବୋଲି ଦାବି ହେଉଛି। ମାନେଶ୍ୱର ଜୟନ୍ତପୁର ରାସ୍ତା ଏବେ ବାଇପାସ୍ ହୋଇଛି। ଟ୍ରାଫିକ ସମସ୍ୟା ଯୋଗୁ ସହରକୁ ଭାରୀଯାନ ଚଳାଚଳ ଉପରେ ରୋକ୍ ଲଗାଯାଇଛି। ଏହି ରାସ୍ତା ଦେଇ ପ୍ରତିଦିନ ବହୁସଂଖ୍ୟକ ଯାନବାହାନ ଯିବା ଆସିବା କରୁଛି। ସ୍କୁଲ, କଲେଜ ପିଲାମାନେ ମଧ୍ୟ ସାଇକେଲରେ ଯିବା ଆସିବା କରୁଛନ୍ତି। ଭାରୀଯାନ ଆସିଲେ ସେଗୁଡିକୁ ରାସ୍ତା ଦେବା ପାଇଁ ସମସ୍ୟା ହେଉଛି। ଏପରି କି ଏହାମଧ୍ୟରେ ଦୁର୍ଘଟଣା ଘଟିବାର ନଜିର ରହିଛି। ଏ ସମ୍ପର୍କରେ ପୂର୍ତ୍ତ ବିଭାଗ ଏସଡିଓ ଡି.ବେହେରା କହିଛନ୍ତି ଯେ, ମରାମତି କରିବା ଆମର ଦାୟିତ୍ୱ। ହେଲେ ଅନୁଦାନ ଅଭାବରୁ କାମ କରାଯାଇ ପାରୁନାହିଁ। ଏହି ରାସ୍ତା ନେଇ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ କହିଥିଲେ।

# ଜିଲାସ୍ତରୀୟ ସ୍କାଉଟ୍‌ସ ଗାଇଡସ୍ ପ୍ରତିଷ୍ଠା ଦିବସ



ରବିବାର ସମ୍ବଲପୁରରେ ଅତିଥିମାନେ ସାଇକେଲ ଶୋଭାଯାତ୍ରାକୁ ଶୁଭାରମ୍ଭ କରୁଛନ୍ତି।

**ସମ୍ବଲପୁର,୭।୧୧(ବ୍ୟୁରୋ)**

ସମ୍ବଲପୁର ଜିଲାସ୍ତରୀୟ ୭୧ତମ ସ୍କାଉଟ୍‌ସ ଓ ଗାଇଡସ ପ୍ରତିଷ୍ଠା ଦିବସ ରବିବାର ଚନ୍ଦ୍ରଶେଖର ମେହେର ଜିଲା ସ୍କୁଲ ପରିସରରେ ପାଳିତ ହୋଇଯାଇଛି। ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଡ. ମୁରଲିଧର ବେହେରା ସାଇକେଲ ଶୋଭାଯାତ୍ରାକୁ ଶୁଭାରମ୍ଭ କରିଥିଲେ। ଶୋଭାଯାତ୍ରାକାରୀମାନେ ଅଞ୍ଚଳ ପରିକ୍ରମା କରିବା ସହ ଜନସାଧାରଣଙ୍କୁ ସଚେତନ କରିଥିଲେ। ଏଥିସହ ଜନସାଧାରଣଙ୍କୁ ମାସ୍କ ଓ ସାନିଟାଇଜର ବଣ୍ଟନ କରିଥିଲେ। ଜିଲା ଶାରୀରିକ ଶିକ୍ଷା

### ଛାତ୍ରୀଛାତ୍ରଙ୍କ ସାଇକେଲ ଶୋଭାଯାତ୍ରା

ନିରୀକ୍ଷକ ଜଗବନ୍ଧୁ ବେହେରା, ଜିଲା ସ୍କୁଲ ପ୍ରଧାନଶିକ୍ଷକ ଯଶୋବନ୍ତ ସାହୁ, ଜୁନିୟର ରେଡକ୍ରସ ସଂଯୋଜକ ବିଶ୍ୱାମିତ୍ର ଦୀପ ଉପସ୍ଥିତ ଥିଲେ। ସ୍କାଉଟ ମାଷ୍ଟର ଚିତ୍ତରଞ୍ଜନ ପଣ୍ଡା, ସତ୍ୟରଞ୍ଜନ ପଣ୍ଡା, ନାରାୟଣ ପ୍ରଧାନ, ଲକ୍ଷ୍ମଣ ନାଥ, ରମେଶ ବେରିହା, ସି. ସୁଧାଂଶୁ, ତ୍ରିବିକ୍ରମ ପଣ୍ଡା, ସୁଲୋଚନା ପଣ୍ଡା, ସୁବାସିନୀ ନାଥ, ସରସ୍ୱତୀ ସେଠୀ, ପୁଷ୍ପବତୀ ମେହେର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ରାଉରକେଲା ପାଓଲିନ କ୍ଲବ ଚାମ୍ପିୟନ

**ସମ୍ବଲପୁର,୭।୧୧(ବ୍ୟୁରୋ)**



ଟ୍ରଫି ସହ ଚାମ୍ପିୟନ ରାଉରକେଲା ଦଳ।

ପଶ୍ଚିମ ଓଡିଶାସ୍ତରୀୟ ୧୩ତମ ଜନ ଉଇଲିୟମ ମିଞ୍ଜ ବାସ୍କେଟ ବଲ ଟୁର୍ଣ୍ଣାମେଣ୍ଟ ରବିବାର ସମ୍ବଲପୁର ସେଣ୍ଟଜନ୍ସ ସ୍କୁଲ ପଡିଆରେ ଉଦ୍‌ଯାପିତ ହୋଇଯାଇଛି। ରାଉରକେଲା ପାଓଲିନ କ୍ଲବ ଚାମ୍ପିୟନ ଓ ବୁର୍ଲା ଭିମସାର ରନର୍ସ ଅପ ଟ୍ରଫି ହାସଲ କରିଛନ୍ତି। ଫାଇନାଲ ମ୍ୟାଚରେ ରାଉରକେଲା ୬୪ ଓ ବୁର୍ଲା ଭିମସାର ୩୫ ପଏଣ୍ଟ ହାସଲ କରିଥିଲେ। ସେହିପରି ଶାସନ ଜ୍ୟୋତି ଭବନ ୩୩ ପଏଣ୍ଟରେ ତୃତୀୟ ଓ ବୈଦିକ ଇଣ୍ଟରନ୍ୟାଶନାଲ ଚତୁର୍ଥ ସ୍ଥାନ ହାସଲ କରିଛନ୍ତି। ବିକାଶ-ଏ ଶ୍ରେଷ୍ଠ ଶୃଙ୍ଖଳିତ ଦଳ, ସୁଦୀପ ସୋରେନ ଶ୍ରେଷ୍ଠ ଖେଳାଳି ଓ ପାଓଳ ଜର୍ଜଙ୍କୁ ଶ୍ରେଷ୍ଠ ସ୍କୋରର ଭାବେ ପୁରସ୍କୃତ କରାଯାଇଥିଲା। ସେଣ୍ଟ ଜର୍ନ୍ସ ସ୍କୁଲ ଅଧ୍ୟକ୍ଷ ଫାଦର ଅନିଲ କୁମାର କୁଜୁରଙ୍କ ପରିଚାଳନା ଓ ଶିକ୍ଷୟିତ୍ରୀ ସସ୍ମିତା ପଟ୍ଟନାୟକଙ୍କ ସଂଯୋଜନାରେ ପୁରସ୍କାର ବିତରଣ ଉତ୍ସବ ହୋଇଥିଲା। ଫାଦର ଆଲଫୋନ ଟପୋ ମୁଖ୍ୟଅତିଥି, ଉରସେଲା ମିଞ୍ଜ ଓ ଫାଦର ଜର୍ଜ କୁଜୁର ସମ୍ମାନିତ ଅତିଥି ଭାବେ ଯୋଗଦେଇ ବିଜେତା ଏବଂ ଉପବିଜେତା ଦଳକୁ ପୁରସ୍କୃତ କରିଥିଲେ। ରାଜେନ୍ଦ୍ର କୁମାର ବେହେରା, ଆରୟାନ କୁମାର ସାହୁ , ଫାଦର ସୁରେଶ କେର୍କେଟା ଓ ସୁଦୀପ ସୋରେନ ଅମ୍ପାୟାର ଥିଲେ। ସେହିପରି ଟେକନିକାଲ ଟେବୁଲରେ ରାଜେନ୍ଦ୍ର କୁଜୁର, ଆଜାଇ ସୁନୀଲ ଓ ସିସିଲିଆ ତିର୍କୀ ଦାୟିତ୍ୱ ନିର୍ବାହ କରିଥିଲେ। ଏହି ଟୁର୍ଣ୍ଣାମେଣ୍ଟରେ ପଶ୍ଚିମ ଓଡିଶାର ମୋଟ ୧୨ଟି ଦଳ ଭାଗ ନେଇଥିଲେ।

## ସାତକମା ଫୁଟବଲ: ସୁନ୍ଦରଗଡ ଚାମ୍ପିୟନ

**କୁଚିଣ୍ଡା, ୭।୧୧(ଡି.ଏନ.ଏ.)**

ସମ୍ବଲପୁର ଜିଲା କୁଚିଣ୍ଡା ବ୍ଲକ କୁତୁରାଚୁଆଁ ପଞ୍ଚାୟତ ଅନ୍ତର୍ଗତ ସାତକମା ଜୟଦ୍ରଥ ଫୁଟବଲ ପଡିଆରେ ଚାଲିଥିବା ଏକ ଦିବସୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ସାତକମା ବି.ଆର. ଆମ୍ବେଦକର ଯୁବକ ସଂଘ ଆନୁକୂଲ୍ୟରେ ଅନୁଷ୍ଠିତ ଏହି ଟୁର୍ଣ୍ଣାମେଣ୍ଟରେ ୮ଟି ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲ ଖେଳ ସୁନ୍ଦରଗଡ କିସାନ ବ୍ରଦର୍ସ ଏବଂ ଝାରସୁଗୁଡ଼ା ଜୟ ଜବାନ କ୍ଲବ ମଧ୍ୟରେ ହୋଇଥିଲା। ପେନାଲଟି ସୁଟ୍ ଆଉଟରେ ସୁନ୍ଦରଗଡ ଚାମ୍ପିୟନ ହୋଇଥିଲା। ଯୁବକ ସଂଘ ସଭାପତି ଗଣେଶ ବାଘଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ଅବସରପ୍ରାପ୍ତ କଲେଜ ଅଧ୍ୟକ୍ଷ ସୁବାସ ଚନ୍ଦ୍ର ନାୟକ ମୁଖ୍ୟଅତିଥି, ସରପଞ୍ଚ ଲମ୍ବୋଦର ପିଙ୍ଗ ଓ ସମିତି ସଭ୍ୟ ଆଶିଷ ସାଥୁଆ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଚାମ୍ପିୟନ ସୁନ୍ଦରଗଡ କିସାନ ବ୍ରଦର୍ସ ଦଳକୁ ଟ୍ରଫି ସହ ନଗଦ ୧୫ ହଜାର ଓ ରନର୍ସ ଅପ ଝାରସୁଗୁଡ଼ା ଜୟ ଜବାନ କ୍ଲବ ଦଳକୁ ଟ୍ରଫି ସହ ନଗଦ ୧୦ହଜାର ଟଙ୍କା ଦେଇ ପୁରସ୍କୃତ କରିଥିଲେ। ଯୁବକ ସଂଘ ସମ୍ପାଦକ ସୁଧୀର ପଧାନ ଧନ୍ୟବାଦ ଅର୍ପଣ କରିଥିଲେ।

# ଆରଏଡି ଯୋଜନାରେ ଦୁର୍ନୀତି ଅଭିଯୋଗ

**କୁଚିଣ୍ଡା,୭।୧୧(ଡି.ଏନ.ଏ.)**

କୁଚିଣ୍ଡା ମୃତ୍ତିକା ସଂରକ୍ଷଣ ବିଭାଗ ପକ୍ଷରୁ କାର୍ଯ୍ୟକାରୀ ହୋଇଥିବା ଅଣଜଳସେଚିତ ଅଞ୍ଚଳ ବିକାଶ ଯୋଜନା (ଆରଏଡି)ରେ ବ୍ୟାପକ ଦୁର୍ନୀତି ହୋଇଥିବା ଅଭିଯୋଗ ହୋଇଛି। ଅଭିଯୋଗ ସତ୍ତ୍ୱେ ପ୍ରଶାସନ କୌଣସି ପଦକ୍ଷେପ ନେଇ ନ ଥିବା ଯୋଗୁ କୁଚିଣ୍ଡା ବ୍ଲକ ଅର୍ଜୁନଡିହି ଗ୍ରାମର ହିତାଧିକାରୀମାନେ ଜମନକିରା ମୃତ୍ତିକା ସଂରକ୍ଷଣ ଅଧିକାରୀ ଓ ମଧ୍ୟସ୍ଥିଙ୍କ ନାମରେ କୁଚିଣ୍ଡା ଥାନାରେ ଲିଖିତ ଭାବେ ଜଣାଇଛନ୍ତି। ପୋଲିସ ମୃତ୍ତିକା ସଂରକ୍ଷଣ ଅଧିକାରୀ ଓ ମଧ୍ୟସ୍ଥିଙ୍କୁ ଥାନାକୁ ଡାକି ତଦନ୍ତ କରିଥିବା ଜଣାଯାଇଛି।

୨୦୨୦-୨୧ ଆର୍ଥିକ ବର୍ଷରେ କୁଚିଣ୍ଡା ମୃତ୍ତିକା ସଂରକ୍ଷଣ ବିଭାଗ ପକ୍ଷରୁ ତେଲିଟିଲେଇମାଲ ପଞ୍ଚାୟତର ଅର୍ଜୁନଡିହି ଓ ବୁରୋଡିହି ଏବଂ ଟାଇଁସର ପଞ୍ଚାୟତର ଫଟାଟାଙ୍ଗର, ଠିଆନାଳ ଓ କୁଲାଙ୍ଗଯୋର ଏଭଳି ୫ଗୋଟି ଗ୍ରାମର ୪୧୬ ଜଣ ହିତାଧିକାରୀଙ୍କୁ ଏହି ଯୋଜନାରେ ଗୋପାଳନ ପାଇଁ ୪୦ହଜାର ଓ ଛେଳି ପାଳନ ପାଇଁ ୨୫ହଜାର ଟଙ୍କା ଆର୍ଥିକ

### ଭିଜିଲାନ୍ସ ତଦନ୍ତ ଦାବି

ସହାୟତା ପ୍ରଦାନ କରାଯାଇଛି। ମାତ୍ର ଏହି ଯୋଜନା କାର୍ଯ୍ୟକାରୀ କରିବାକୁ କୁଚିଣ୍ଡା ଅଧିକାରୀଙ୍କୁ କୌଣସି କାରଣରୁ ଦାୟିତ୍ୱ ଦିଆ ନ ଯାଇ ଜମନକିରା ବ୍ଲକର ମୃତ୍ତିକା ସଂରକ୍ଷଣ ଅଧିକାରୀଙ୍କୁ ଦିଆଯାଇଛି। ତେବେ ଏହି ଯୋଜନାରେ ଛେଳି ହିତାଧିକାରୀଙ୍କ ଠାରୁ ୬ହଜାର ଓ ଗୋପାଳନ ହିତାଧିକାରୀଙ୍କ ଠାରୁ ୧୦ ହଜାର ଟଙ୍କା ଲେଖାଏ ଏଭଳି ସର୍ବମୋଟ ୪୧୬ ଜଣ ହିତାଧିକାରୀଙ୍କ ଠାରୁ ଲକ୍ଷାଧିକ ଟଙ୍କା ବେଆଇନ ଭାବେ ମଧ୍ୟସ୍ଥିଙ୍କ ଜରିଆରେ ଅସୁଲି ହୋଇଥିବା ଥାନାରେ ହୋଇଥିବା ଅଭିଯୋଗରେ ଦର୍ଶାଯାଇଛି। ଏହି ଅର୍ଥ ପ୍ରତ୍ୟେକ ଗ୍ରାମର ମଧ୍ୟସ୍ଥିମାନଙ୍କ ଜରିଆରେ ସଂଗୃହୀତ ହୋଇ କର୍ମଚାରୀଙ୍କ ମଧ୍ୟରେ ଭାଗବଣ୍ଟା ହୋଇଥିବା ହିତାଧିକାରୀମାନେ ଅଭିଯୋଗ କରିଛନ୍ତି। ଏ ନେଇ ଗତ ସେପ୍ଟେମ୍ବର ୫ ତାରିଖରେ ଏହି ଯୋଜନାରୁ ବଞ୍ଚିତ ଅର୍ଜୁନଡିହି ଓ ବୁରୋଡିହି ଗ୍ରାମର କେତେକ ହିତାଧିକାରୀ ଉପ ଜିଲାପାଳଙ୍କ ନିକଟରେ ଲିଖିତ ଅଭିଯୋଗ କରିବା ପରେ ଘଟଣା ଲୋକଲୋଚନକୁ ଆସିଥିଲା। ଯୋଜନା ଦାୟିତ୍ୱରେ ଥିବା ମୃତ୍ତିକା ସଂରକ୍ଷଣ ଅଧିକାରୀ ଏବଂ ଅଭିଯୋଗକାରୀଙ୍କୁ ଉପଜିଲାପାଳ ଡାକି ତଦନ୍ତ କରିଥିବା ଜଣାଯାଇଛି। ତେବେ ଘଟଣା ଜଣାପଡିବା ପରେ କୁଚିଣ୍ଡା ମୃତ୍ତିକା ସଂରକ୍ଷଣ ଅଧିକାରୀଙ୍କୁ ବଦଳି କରାଯିବା ସନ୍ଦେହକୁ ଦୃଢୀଭୂତ କରିଛି। ଏଣୁ ଏହି ଦୁର୍ନୀତିର ତଦନ୍ତ ଭିଜିଲାନ୍ସ ବିଭାଗ ଦ୍ୱାରା କରାଯିବାକୁ ଗ୍ରାମବାସୀ ଦାବି କରିଛନ୍ତି। ଏଭଳି ଦୁର୍ନୀତି ସମ୍ପର୍କରେ ଜମନକିରା ମୃତ୍ତିକା ସଂରକ୍ଷଣ ଅଧିକାରୀ ବିଭୁ ପ୍ରସାଦ ମିଶ୍ରଙ୍କୁ ପଚାରିବାରେ ହିତାଧିକାରୀଙ୍କ ଠାରୁ ଅର୍ଥ ଅସୁଲିକୁ ଅସ୍ୱୀକାର କରିଛନ୍ତି। ତାଙ୍କ ନାମରେ ହୋଇଥିବା ପୋଲିସ ରିପୋର୍ଟ ମୁତାବକ ଆବଶ୍ୟକ କାଗଜପତ୍ର ଥାନା ଅଧିକାରୀଙ୍କୁ ଦାଖଲ କରିବେ ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ ବର୍ତ୍ତମାନ କୁଚିଣ୍ଡା ଦାୟିତ୍ୱରେ ଥିବା ମୃତ୍ତିକା ସଂରକ୍ଷଣ ଅଧିକାରୀଙ୍କୁ ପଚାରିବାରେ ତାଙ୍କୁ ଏ ପର୍ଯ୍ୟନ୍ତ ଦାୟିତ୍ୱ ହସ୍ତାନ୍ତର କରାଯାଇ ନ ଥିବାରୁ କୌଣସି ପ୍ରତିକ୍ରିୟା ଦେଇ ପାରିବେ ନାହିଁ ବୋଲି କହିଛନ୍ତି।

# ଖଣ୍ଡାୟତ କ୍ଷତ୍ରିୟ ମହାସଭାର ସମ୍ବର୍ଦ୍ଧନା ସଭା



କାର୍ଯ୍ୟକ୍ରମରେ ଜଣେ ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

**ରାଉରକେଲା ଅଫିସ୍,୭।୧୧**

ରାଉରକେଲା ସେକ୍ଟର-୩ ସ୍ଥିତ ଖଡ୍ଗ ଭବନ ପରିସରରେ ନିଖିଳ ଉତ୍କଳ ଖଣ୍ଡାୟତ କ୍ଷତ୍ରିୟ ମହାସଭା ଇସ୍ପାତ ନଗର କମିଟି ପକ୍ଷରୁ ରବିବାର ସାଧାରଣ ସମ୍ପାଦକ ଶଶଧର ପାତ୍ରଙ୍କ ଆବାହକତ୍ୱରେ ସମ୍ବର୍ଦ୍ଧନା ସଭା ଓ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଅନୁଷ୍ଠାନର କାର୍ଯ୍ୟକାରୀ ସଭାପତି ଯଦୁମଣି ସ୍ୱାଇଁ ଏଥିରେ ସଭାପତିତ୍ୱ କରିଥିଲେ। କାର୍ଯ୍ୟକ୍ରମରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଦିଲୀପ ରାୟ ମୁଖ୍ୟଅତିଥି, ସର୍ବଭାରତୀୟ ଖଣ୍ଡାୟତ କ୍ଷତ୍ରୀୟ ସମାଜର ଉପସଭାପତି ସରୋଜ ସିଂହ ଓ ପୂର୍ବତନ ବିଧାୟକ ପ୍ରଭାତ ମହାପାତ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ପଣ୍ଡିତ ବଳରାମ ପଣ୍ଡା, ସରୋଜ ସିଂହ, ସମାଜର ମହାସଚିବ ମାଗୁଣି ଚରଣ ରାଉତ, କଟକ ଜିଲା ସଭାପତି ଅଜୟ କୁମାର ମୁଦୁଲି, ରାଜ୍ୟ ଉପ କମିଟି ସଭାପତି ରାଜକିଶୋର ମାନସିଂହ, କାର୍ତ୍ତି କୁମାର ପରିଚ୍ଛା, ଅଜୟ ପାତ୍ରଙ୍କୁ ଅନୁଷ୍ଠାନ ପକ୍ଷରୁ ମାନପତ୍ର ସହ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମର ଦ୍ୱିତୀୟ ପର୍ଯ୍ୟାୟରେ କବିତା ପାଠୋତ୍ସବ ହୋଇଥିଲା। ରବିନ୍ଦ୍ର ବାରିକ, ଉପେନ୍ଦ୍ର ନାୟକ, କିଶୋର ନାୟକ, ଆପୁ ନାୟକ, ନୀଳମଣି ପ୍ରଧାନ, ସରୋଜ ସିଂହ, ଅକ୍ଷୟ ଜେନା ସହଯୋଗ କରିଥିଲେ। ମୁଖପାତ୍ର କୁଞ୍ଜ ବିହାରୀ ରାଉତ ମଞ୍ଚ ପରିଚାଳନା ଏବଂ ଉପସଭାପତି ସୁରେନ୍ଦ୍ର ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।

## ସମ୍ବଲପୁରୀ ନାଟକ ସଙ୍କଳନ ପଞ୍ଚମ ବେଦ ଉନ୍ମୋଚିତ

**ସମ୍ବଲପୁର,୭।୧୧(ବ୍ୟୁରୋ)**

ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ଧନୁପାଲି ଚେତନା ନାଟ୍ୟ ଅନୁଷ୍ଠାନ ପକ୍ଷରୁ ପୁସ୍ତକ ଉନ୍ମୋଚନ ଓ ସମ୍ବର୍ଦ୍ଧନା ଉତ୍ସବ ରବିବାର ଭତରାସ୍ଥିତ ଶଙ୍କର ମଠ ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନ ସଭାପତି ଅଶୋକ ପଟ୍ଟନାୟକଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ହୋଇଥିଲା। ଡ.ଶ୍ୟାମସୁନ୍ଦର ଧର, ଡ.ପ୍ରଦୀପ କୁମାର ପଣ୍ଡା, ଡ. ଗୌରିଦାସ ପ୍ରଧାନ, ସହକାରୀ ପ୍ରଧ୍ୟାପକ ଅଖିଳ ବିଶ୍ୱାଳ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ନାଟ୍ୟକାର ପ୍ରଶାନ୍ତ ମାଝିଙ୍କ ସମ୍ବଲପୁରୀ ନାଟକ ସଙ୍କଳନ ପଞ୍ଚମ ବେଦକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ଏହି ଅବସରରେ ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାରପ୍ରାପ୍ତ ଗୀତିକାର ବିନୋଦ ପଶାୟତ ଓ ସଙ୍ଗୀତ ନିର୍ଦ୍ଦେଶକ ଶଙ୍କର ପ୍ରସାଦ ପ୍ରଧାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହ ଅଭିନେତା ସୁରେଶ ତ୍ରିପାଠୀଙ୍କୁ ଚେତନା ନାଟ୍ୟ ସମ୍ମାନ ଓ ଯୁବଚିତ୍ର ଶିଳ୍ପୀମାନଙ୍କୁ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ପ୍ରବୀର ମିଶ୍ର ସଂଯୋଜନା କରିଥିବା ବେଳେ ସଂପାଦକ ଶରତ ପାଢ଼ୀ ଧନ୍ୟବାଦ ଦେଇଥିଲେ।

## ପଞ୍ଚାୟତ କାର୍ଯ୍ୟାଳୟରୁ ଚୋରି

ଲାଠୋର,(ଡି.ଏନ.ଏ.): ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ କରୁଆଝର ପଞ୍ଚାୟତ କାର୍ଯ୍ୟାଳୟରୁ କମ୍ପ୍ୟୁଟର, ଇନଭର୍ଟର ଓ ଅନ୍ୟାନ୍ୟ କେତେକ ସାମଗ୍ରୀ ଚୋରି ହୋଇଥିବା ଅଭିଯୋଗ ହୋଇଛି। ଏ ନେଇ ସରପଞ୍ଚ ବିଜୟଲକ୍ଷ୍ମୀ ବାଗ ରବିବାର ଲାଠୋର ଥାନାରେ ଏତଲା ଦେଇଛନ୍ତି। ପଞ୍ଚାୟତ କାର୍ଯ୍ୟାଳୟ ଗ୍ରୀଲ ତାଡି ଦୁର୍ବୃତ୍ତ ଗ୍ରାମ ରୋଜଗାର ସେବକଙ୍କ ଚାମ୍ବରରେ ପଶି ସେଠାରେ ଥିବା କମ୍ପ୍ୟୁଟର, ଇନଭର୍ଟର ଏବଂ ଫୋନ ଚୋରି କରି ନେଇଥିବା ଶନିବାର ସନ୍ଧ୍ୟାରେ ଜଣା ପଡିଥିଲା। ଦୀର୍ଘବର୍ଷ ହେବ ପଞ୍ଚାୟତରେ ରାତ୍ର ଜଗୁଆଳି ନିଯୁକ୍ତି କରାଯାଇନାହିଁ। ଅପରପକ୍ଷେ ଏଠାରେ କାର୍ଯ୍ୟରତ କର୍ମଚାରୀ କାର୍ଯ୍ୟାଳୟକୁ ନିୟମିତ ଆସୁ ନ ଥିବା ଅଭିଯୋଗ ହୋଇଛି।



## ସଂକ୍ଷେପରେ

### ମାହେଶ୍ୱରୀ ଗ୍ରୁପ ଅଫ୍ ଇନଷ୍ଟିଚ୍ୟୁଟ୍ ତରଫରୁ ସ୍ୱାଗତ ସମ୍ବର୍ଦ୍ଧନା



ସୁନ୍ଦରଗଡ଼, ୭।୧୧(ଡି.ଏନ୍.ଏ): ସୁନ୍ଦରଗଡ଼ ମାହେଶ୍ୱରୀ ଗ୍ରୁପ ଅଫ୍ ଇନଷ୍ଟିଚ୍ୟୁଟ ତରଫରୁ ରବିବାର ଯୁକ୍ତ୨ ବିଜ୍ଞାନ ଓ କଳା ପ୍ରଥମ ବର୍ଷ ଛାତ୍ରୀଛାତ୍ରଙ୍କ ସକାଶେ ଶପଥ ଗ୍ରହଣ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏହି ସମାରୋହରେ ସମ୍ବଲପୁର ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାର ନୃପରାଜ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସମାରୋହକୁ ଉଦ୍‌ଘାଟନ କରିଥିଲେ। ଅବସରପ୍ରାପ୍ତ ପ୍ରଶାସକ ମେଘନାଦ ନାଏକ ଓ ବ୍ରଜରାଜ ନଗର ଏମ୍‌ସିଏଲ ନର୍ସିଂ କଲେଜର ଅଧ୍ୟକ୍ଷା ଚୁନିମୋନି ନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଅନୁଷ୍ଠାନର ସମ୍ପାଦିକା ସନ୍ତୋଷିନୀ କର୍ଣ୍ଣ ସମାରୋହରେ ଅଧକ୍ଷତା କରି ନୂତନ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ ଜଣାଇଥିଲେ। ନିଷ୍ଠା ଓ ଏକାଗ୍ରତା ରଖି ବିଦ୍ୟାଗ୍ରହଣ ସହ ସେବିକାମାନେ ସେବାକୁ ବ୍ରତ ଭାବେ ଗ୍ରହଣ କରି ସମାଜରେ ନିଜର ମହତ୍ୱପୂର୍ଣ୍ଣ ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ଯୁକ୍ତ ୨କଲେଜର ଅଧ୍ୟକ୍ଷ ଡ. ଜୟନ୍ତ ମିଶ୍ର, ନର୍ସିଂ କଲେଜର ଅଧକ୍ଷା ସୁନିମା ପଟେଲ, ନର୍ସିଂ ଛାତ୍ରୀଛାତ୍ରଙ୍କୁ ଶପଥ ପାଠ କରାଇଥିଲେ। ଅନୁଷ୍ଠାନର ଡାଇରେକ୍ଟର ଫକିର କର୍ଣ୍ଣ ଧନ୍ୟବାଦ କରିଥିଲେ।

### ଭାରତ ସ୍କାଉଟ୍ସ ଗାଇଡ୍ସର ପ୍ରତିଷ୍ଠା ଦିବସ ପାଳିତ

କୁତ୍ରା,୭।୧୧ (ଡି.ଏନ.ଏ.): ସୁନ୍ଦରଗଡ଼ ଜିଲା ଶିକ୍ଷା ଅଧିକାରୀ ଅମୂଲ୍ୟ କୁମାର ପ୍ରଧାନଙ୍କ ପରାମର୍ଶ କ୍ରମେ କୁତ୍ରା ଉଚ୍ଚ ବିଦ୍ୟାଳୟରେ ଭାରତ ସ୍କାଉଟ୍ସ ଗାଇଡ୍ସର ୭୧ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବରେ ଭାରତ ସ୍କାଉଟ୍ସ ଗାଇଡ୍ସର ସମ୍ପାଦକ ଶାରୀରିକ ଶିକ୍ଷା ନିରୀକ୍ଷକ ବିଦ୍ୟାଧର ପ୍ରଧାନ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଗାଇଡ୍ କମିଶନର ତନୁଲତା ବେହେରା, ପ୍ରଧାନ ଶିକ୍ଷୟିତ୍ରୀ ଅପର୍ଣ୍ଣା ସାହୁ, ସ୍କାଉଟ ମାଷ୍ଟର ଅନିଲ ପାଣିଗ୍ରାହୀ, ଅନୁଷ୍ଠାନର ପ୍ରଧାନ ଶିକ୍ଷକ ନଳିନୀକାନ୍ତ ଶାସନି, ଜିଲା ଟ୍ରେନିଂ କମିଶନର ଜନସନ ଖାଖା, ଅର୍ଗାନାଇଜିଂ କମିଶନର ବ୍ରିଧିଚନ୍ଦ୍ର ବିଲୁଙ୍ଗ, ଗାଇଡ କ୍ୟାପଟେନ ଦୀପିକା କେରକେଟା ପ୍ରମୁଖ ଉପସ୍ଥିତ ରହି ଭାରତ ସ୍କାଉଟ ଗାଇଡର ପତାକା ଉତ୍ତୋଳନ କରିବା ସହିତ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏ ଅବସରରେ କୁତ୍ରା ଉଚ୍ଚ ବିଦ୍ୟାଳୟର ନୂତନ ସ୍କାଉଟ୍ସ ଏବଂ ଗାଇଡ୍ସମାନଙ୍କୁ ଦୀକ୍ଷିତ କରାଯାଇଥିଲା। ସଭାକାର୍ଯ୍ୟ ସ୍କାଉଟ୍ସ କମିଶନର ବିଭୀଷଣ ବାରିକ ସଂଯୋଜନା କରିଥିବାବେଳେ ଗାଇଡ୍ସ କ୍ୟାପଟେନ ଦୀପିକା କେରକେଟା ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ପରେ ଛାତ୍ରୀଛାତ୍ରଙ୍କୁ ନେଇ ଏକ ସଚେତନତା ସାଇକେଲ ରାଲି କୁତ୍ରା ଗ୍ରାମ ପରିକ୍ରମା କରିଥିଲା। ଜନସାଧାରଣଙ୍କୁ ମହାମାରୀ କରୋନା ସମ୍ପର୍କରେ ସଚେତନତା କରିବା ସହିତ ସ୍କାଉଟ୍ସ ଗାଇଡ୍ସର ବାର୍ତ୍ତା ପ୍ରେରଣ କରିଥିଲେ। କାର୍ଯ୍ୟକ୍ରମର ସଫଳ ରୂପାୟନ ଦିଗରେ ଗାଇଡ କ୍ୟାପଟେନ ନୂତନ ହରୋ ,କର୍ମଚାରୀ ବାବୁଲାଲ ଟପ୍ପୋ, ଦିଲୀପ ବେହେରା, ଜାନକୀ ସିଂ, ଜଗନ୍ନାଥ କିଷାନ, କିଶୋର ଲାକଡା ପ୍ରମୁଖ ସହଯୋଗ କରିଥିଲେ। କାର୍ଯ୍ୟକ୍ରମରେ ୧୫୦ରୁ ଉର୍ଦ୍ଧ୍ୱ ସ୍କାଉଟ୍ସ ଏବଂ ଗାଇଡ୍ସ ଯୋଗଦାନ କରିଥିଲେ।

### ମା' ଫୁଲମତୀ ଦେବୀ, ଡଙ୍ଗର ଯାତ୍ରା ସମ୍ପନ୍ନ

ପଲମ,୭।୧୧(ଡି.ଏନ.ଏ.): କଳାହାଣ୍ଡି ଜିଲା ନର୍ଲା ବ୍ଲକ ଅଧୀନ ପଲମ ପଞ୍ଚାୟତସ୍ଥିତ ପଲମ ମା' ଫୁଲମତୀ ଦେବୀ ଓ ଡଙ୍ଗରବୁଡା ମନ୍ଦିର ପୀଠରେ ରବିବାର ରୀତିନୀତି ଅନୁସାରେ ଦେବଦେବୀଙ୍କ ପୂଜା ସମ୍ପନ୍ନ ହୋଇଯାଇଛି। ଏହି ପୂଜା ପ୍ରତିବର୍ଷ କାର୍ତ୍ତିକ ମାସ ଶୁକ୍ଳପକ୍ଷ ତୃତୀୟା ତିଥିରେ ସମ୍ପନ୍ନ ହୋଇଥାଏ। ଏହି ଦେବୀ ପୀଠରେ ଗ୍ରାମ ତଥା ଅନ୍ୟ ଗ୍ରାମର ଶତାଧିକ ଭକ୍ତମାନେ ମାନସିକ ତଥା ଦୁଃଖ ନିବାରଣ ନିମନ୍ତେ ମା'ଙ୍କ ନିକଟରେ ଗୁହାରି କରିଥାନ୍ତି। ଗତବର୍ଷ ମାନସିକ କରିଥିବା ଭକ୍ତମାନେ ନିଜର ମନସ୍କାମନା ପୂରଣ ହୋଇଥିବାରୁ ଆନନ୍ଦର ସହିତ ଦେବୀ ପୀଠରେ ଭୋଗ ପ୍ରଦାନ କରିଥିଲେ। ମା'ଙ୍କ ପୀଠରେ ପଲମ ଗ୍ରାମର ଚୈତନ ମାଝିଙ୍କୁ କାଳସୀ ଲାଗି ଭକ୍ତମାନଙ୍କୁ ଆଶିର୍ବାଦ ପ୍ରଦାନ କରିଥାନ୍ତି ଏବଂ ଦେବୀଙ୍କ ପୀଠରେ ପୂଜାର୍ଚ୍ଚନା କରିବା ପାଇଁ ପଲମ ଗ୍ରାମର ଗୋକୁଳ ଜାନୀ ଦାୟିତ୍ୱ ନେଇ ପୂଜାର୍ଚ୍ଚନା କରିଥିଲେ। ଏଣୁ ଏହି ପୀଠରେ ଶହ ଶହ ଭକ୍ତଙ୍କ ସମାଗମ ହୋଇଥାଏ।

# ଉତ୍କଳ କରାଟେ ସ୍କୁଲରେ ବେଲ୍ଟ ପରୀକ୍ଷା: ୩୧ ଉତ୍ତୀର୍ଣ୍ଣ

ସୁନ୍ଦରଗଡ଼,୭।୧୧(ଡି.ଏନ୍.ଏ.)



ଉତ୍ତୀର୍ଣ୍ଣ ହୋଇଥିବା କରାଟେ ଛାତ୍ରୀଛାତ୍ର।

ସୁନ୍ଦରଗଡ଼ ଭବାନୀଭବନ ପଡ଼ିଆ ଜିମନାସିୟମ ହଲରେ ରବିବାର ଉତ୍କଳ କରାଟେ ସ୍କୁଲର ବେଲ୍ଟ ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି। ଏହି ପରୀକ୍ଷା ଭୁବନେଶ୍ୱର ଉତ୍କଳ କରାଟେ ସ୍କୁଲର ସେନସାଇ ୫ମ ଡାନ୍ ବ୍ଲାକବେଲ୍ଟ ଖାରବେଳ ମଲ୍ଲିକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। ସୁନ୍ଦରଗଡ଼ ସେନସାଇ ୪ର୍ଥ ଡାନ୍ ବ୍ଲାକବେଲ୍ଟ ଗଣେଶ ଚନ୍ଦ୍ର ବେହେରା ସହଯୋଗ କରିଥିଲେ। ଏହି ପରୀକ୍ଷାରେ ସୁନ୍ଦରଗଡ କରାଟେ ସ୍କୁଲର ୩୧ ପରୀକ୍ଷାର୍ଥୀ ଅଂଶଗ୍ରହଣ କରିଥିଲେ। ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ସୁନ୍ଦରଗଡ ବିଧାୟିକ କୁସୁମ ଟେଟେ, ସମ୍ମାନିତ ଅତିଥି ଭାବରେ ସମାଜସେବୀ ସ୍ନେହଲତା ପଟେଲ ଯୋଗଦେଇ ବର୍ତ୍ତମାନ ସମୟରେ କରାଟେ ଏହିଭଳି ଏକ ଅସ୍ତ୍ର ଯାହା ପ୍ରତିଟି, ଛାତ୍ରୀଛାତ୍ର ଶିଖିବା ନିତାନ୍ତ ଜରୁରୀ ହୋଇପଡିଛି କହିଥିଲେ। ଏହି ଅବସରରେ ସୁନ୍ଦରଗଡ ଉତ୍କଳ କରାଟେ ସ୍କୁଲର ଛାତ୍ରୀଛାତ୍ର ଓ ପ୍ରଶିକ୍ଷକଙ୍କ ଦ୍ୱାରା ଅତିଥିମାନଙ୍କୁ କଳାକୌଶଳ ପ୍ରଦର୍ଶନ କରାଯିବା ସହ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ଏକ ଫାଇଟିଂ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଥିଲା । ସୁନ୍ଦରଗଡ ଉତ୍କଳ କରାଟେ ସ୍କୁଲର ସଭାପତି ଦେବାଶିଷ କବି ଆୟୋଜିତ ସଭାରେ ସଭାପତିତ୍ୱ କରିଥିଲେ। କାର୍ଯ୍ୟକ୍ରମରେ ୩ୟ ଡାନ ବ୍ଲାକ ବେଲ୍ଟ ଦୁଷନ୍ତ କୁମାର ନାଏକ, ୨ୟ ଡାନ୍ ବ୍ଲାକ୍ ବେଲ୍ଟ ରାକେଶ କୁମାର ଧୀରଦେଓ, ୧ମ ଡାନ୍ ବ୍ଲାକ ବେଲ୍ଟ ଉତ୍ତମ ବେହେରା, ୧ମ ଡାନ୍ ବ୍ଲାକ ବେଲ୍ଟ ସକିୟା ପରବିନ ସହିତ ତୁଷାର ବେହେରା ସହଯୋଗ କରିଥିଲେ। ଏହି ପରୀକ୍ଷାରେ ୩ଜଣ ବ୍ରାଉନ ବେଲ୍ଟ, ୪ଜଣ ବ୍ଲୁ ବେଲ୍ଟ, ୮ ଗ୍ରୀନ ବେଲ୍ଟ, ୧୬ ଓରେଞ୍ଜ ବେଲ୍ଟ ଏବଂ ୧୫ ଜଣ ୟେଲୋ ବେଲ୍ଟକୁ ଉତ୍ତୀର୍ଣ୍ଣ ହୋଇଛନ୍ତି।

## ପଞ୍ଚାୟତ ନିର୍ବାଚନକୁ ନେଇ ଭାଜପାର ବୈଠକ

ରିଆମାଳ,୭।୧୧ (ଡି.ଏନ୍.ଏ.)

ଦେବଗଡ ଜିଲା ରିଆମାଳ ବ୍ଲକର ଜୋନ-୧ରେ ଭାଜପାର ପଞ୍ଚାୟତ ନିର୍ବାଚନକୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ମଣ୍ଡଳ ସଭାପତି ସଞ୍ଜୀବ ବେହେରା ସଭାପତିତ୍ୱ କରିଥିଲେ। ସାଧାରଣ ସମ୍ପାଦକ ନରେଶ ନାଥ ପରିଚାଳନା କରିଥିଲେ। ବୈଠକରେ ୧୨ଟି ପଞ୍ଚାୟତର କର୍ମୀମାନେ ଉପସ୍ଥିତ ଥିଲେ। ଜିଲା ସାଧାରଣ ସମ୍ପାଦକ ସମୀର ସାହୁ, ଜିଲା ଉପସଭାପତି ନିରଂଜନ ବେହେରା, ଏମଏଲଏ ନୋମିନୀ ଶରତଚନ୍ଦ୍ର ସାହୁ, ପୂର୍ବତନ ବ୍ଲକ ସଭାପତି ରାକେଶ ଦାଶ, ତାବଡା ସେବାସମବାୟ ସମିତି ସଭାପତି ପ୍ରକାଶ ଆଚାର୍ଯ୍ୟ, ଓବିସି ମୋର୍ଚ୍ଚା ସଭାପତି ଅମୂଲ୍ୟ ସାହୁ, ଅଚ୍ୟୁତାନନ୍ଦ ସାହୁ ପ୍ରମୁଖ ସେମାନଙ୍କର ମତାମତ ଦେଇଥିଲେ। ଶେଷରେ ମଣ୍ଡଳ ସାଧାରଣ ସମ୍ପାଦକ ଶ୍ରୀନାଥ ଧନ୍ୟବାଦ ଅର୍ପଣ କରିଥିଲେ।

## ବୁର୍ଲା ଡିଏଭି ସ୍କୁଲରେ ସ୍କାଉଟ୍ସ ଗାଇଡ୍ସ ପ୍ରତିଷ୍ଠା ଦିବସ



ବୁର୍ଲା ଡିଏଭି ସ୍କୁଲ ପରିସରରେ ଆୟୋଜିତ ସ୍କାଉଟ୍ସ ଓ ଗାଇଡ୍ସ ପ୍ରତିଷ୍ଠା ଦିବସ ଉତ୍ସବ ।

ସମ୍ବଲପୁର,୭।୧୧(ବ୍ୟୁରୋ)

୭୧ତମ ସ୍କାଉଟ୍‌ସ ଓ ଗାଇଡ୍‌ସ ପ୍ରତିଷ୍ଠା ଦିବସ ରବିବାର ବୁର୍ଲା ଡିଏଭି ସ୍କୁଲ ପରିସରରେ ପାଳିତ ହୋଇଯାଇଛି। ସ୍କୁଲ ଅଧକ୍ଷା ରଶ୍ମି ମିଶ୍ର ଯୋଗଦେଇ କୋଭିଡ-୧୯ ବିଷୟରେ ସଚେତନ କରିବା ସହ ସାଇକେଲ ଶୋଭାଯାତ୍ରାର ଶୁଭାରମ୍ଭ କରିଥିଲେ। ସାଇକେଲ ଶୋଭାଯାତ୍ରା ଅଞ୍ଚଳ ପରିକ୍ରମା କରିବା ସହ ଜନସାଧାରଣଙ୍କୁ ସଚେତନ କରାଯାଇଥିଲା। ସେହିପରି ଶିବ ଓ କାଳୀ ମନ୍ଦିର ଅଞ୍ଚଳ ସଫେଇ କରାଯାଇଥିଲା । କାର୍ଯ୍ୟକ୍ରମକୁ ସ୍କୁଲର ସ୍କାଉଟ ଓ ଗାଇଡ୍ ଶିକ୍ଷକ ରଞ୍ଜନ କୁମାର ନାୟକ ପରିଚାଳନା କରିଥିଲେ ।

## ଚୋରି ସିମେଣ୍ଟ ବୋଝେଇ ଟ୍ରକ୍ ଜବତ: ଜଣେ ଗିରଫ

ରାଜଗାଙ୍ଗପୁର, ୭।୧୧(ଡି.ଏନ୍.ଏ.)



ଚୋରି ହୋଇଯାଇଥିବା ସିମେଣ୍ଟ ବୋଝେଇ ଟ୍ରକକୁ ପୋଲିସ ଜବତ କରିଛି।

ଚୋରି ହୋଇଯାଇଥିବା ସିମେଣ୍ଟ ବୋଝେଇ ଟ୍ରକ୍ ରାଜଗାଙ୍ଗପୁର ପୋଲିସ ଦ୍ୱାରା ଉଦ୍ଧାର କରାଯାଇଛି। ଚୋରି କରି ନେଇଯାଉଥିବା ଡ୍ରାଇଭରଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି ବୋଲି ରାଜଗାଙ୍ଗପୁର ଏସ୍‌ଡିପିଓ ଡାକ୍ତର ଶଶାଙ୍କ ଶେଖର ବେହୁରା ରବିବାର ଏକ ପ୍ରେସ ବିଜ୍ଞପ୍ତିରେ ଜଣାଇଛନ୍ତି। ସୂଚନା ଅନୁଯାୟୀ ଶନିବାର ରାତି ପ୍ରାୟ ୮ଟା ୪୦ରେ ଓଆର ୧୪ଏନ ୯୬୩୯ ନଂ. ବିଶିଷ୍ଟ ଟ୍ରକ୍ ୨୪୦ବସ୍ତା ଡାଲମିଆଁ ସ୍ପେସିଆଲ ପ୍ରିମିୟମ ସିମେଣ୍ଟ ଯାହାର ଆନୁମାନିକ ବଜାର ଦର ୧୦ଲକ୍ଷ ହେବ ଲୋଡହୋଇ ଡ୍ରାଇଭର୍ ବିକ୍ରମଜିତ ସିଂ କାରଖାନାର ମୁଖ୍ୟ ଗେଟ୍‌ରୁ ବାହାର କରି ଅନତି ଦୂରରେ ଥିବା ଏକ ଢାବା ପାଖରେ ଟ୍ରକ ରଖି ଖାଇବାକୁ ଯାଇଥିଲେ। ଖାଇସାରି ଆସି ଦେଖେ ଯେ ଟ୍ରକ ସେଠାରେ ନାହିଁ। ସେ ତୁରନ୍ତ ଟ୍ରକ ମାଲିକଙ୍କୁ ଘଟଣା ସମ୍ପର୍କରେ ଅବଗତ କରାଇଥିଲେ। ମାଲିକଙ୍କଠାରୁ ପୋଲିସ ସୂଚନା ପାଇଁ ସର୍ଚ୍ଚ ଅପରେସନ ଆରମ୍ଭ କରି ୨ଘଣ୍ଟା ମଧ୍ୟରେ ଚୋରି ହୋଇଯାଇଥିବା ସିମେଣ୍ଟ ବୋଝେଇ ଟ୍ରକକୁ ଲାଇଙ୍ଗ ଓ କାଂଶବାହାଲ ମଧ୍ୟରେ ରାସ୍ତା ଉପରୁ ଠାବ କରିଥିଲେ। ଟ୍ରକ୍‌କୁ ନେଇ ଯାଉଥିବା ଡ୍ରାଇଭରଙ୍କୁ ଗିରଫ କରି ଥିଲେ। ଗିରଫ ଡ୍ରାଇଭର୍ ଫାକଡେ ଓରାମ ବୀରମିତ୍ରପୁର ଅଞ୍ଚଳର ବାସିନ୍ଦା ଓ ବର୍ତ୍ତମାନ ସେ ରାଜଗାଙ୍ଗପୁର ଅଞ୍ଚଳରେ ଏକ ଭଡାଘରେ ରହି ଆସୁଛନ୍ତି।

## ଆଞ୍ଚଳିକ ଗିରିଗୋବର୍ଦ୍ଧନ ପୂଜା

ବ୍ରଜରାଜନଗର, ୭।୧୧(ଡି.ଏନ.ଏ.)

ସ୍ଥାନୀୟ କୁଦପାଲି ପଞ୍ଚାୟତ ଅନ୍ତର୍ଗତ ଅଇଁଲାପାଲି ରାଧାକୃଷ୍ଣ ମନ୍ଦିର ନିକଟରେ ଗିରିଗୋବର୍ଦ୍ଧନ ପୂଜା ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ସନ୍ଧ୍ୟାରେ ଏକ କଳସ ଶୋଭାଯାତ୍ରା ହୋଇଥିଲା। ଅଇଁଲାପାଲି ପୋଖରୀରୁ ପୂଜାର୍ଚ୍ଚନା ପରେ କର୍ତ୍ତା ତ୍ରିନାଥ ଡିଲା ଓ ସୁନିତା ଡିଲା କଳସ ଧରି ମଣ୍ଡପକୁ ଆସିଥିଲେ। ସେଠାରେ କଳସ ସ୍ଥାପନ ପରେ ରବିବାର ସକାଳୁ ଗୋବର୍ଦ୍ଧନ ପୂଜା, ବିଷ୍ଣୁ ସହସ୍ରନାମ ପାଠ ପରେ ପୂର୍ଣ୍ଣାହୁତି ହୋଇଥିଲା। ଏହି ଅବସରରେ କତାବଗା, କାର୍ତ୍ତିକ ପଡା, ଦୁଦୁଲ ସିଂଘା, ଗୁଡିଆଲି, ରାମପୁର କୋଲିଆରୀ, ବାଦୀମାଲ, ବନ୍ଧବା ହାଲ, ତେଲେନପାଲି, ଇବଥର୍ମାଲ, ଚିଙ୍ଗିରିଗୁଡା ଆଦି ସ୍ଥାନରୁ ଯାଦବ ସମାଜର ଶତାଧିକ ଲୋକ ଯୋଗଦେଇଥିଲେ। ଏହି ଅବସରରେ ଆୟୋଜିତ ସଭାରେ ସଭାପତି କ୍ଷମାସିଲ ଷଣ୍ଢ ଅଧ୍ୟକ୍ଷତା କରିଥିଲେ। ଜୟରାମ କଉଡ଼ି, କ୍ଷମାସିଲ ବଗାର, ସୂର୍ଯ୍ୟ ଲରିଆ ହର୍ଷ ରାଉତ ଆଦି ଜାତିର ଉନ୍ନତି, ଶିକ୍ଷାର ବିକାଶ, ସମାଜର ସଂସ୍କାର ଉପରେ ମତାମତ ଦେଇଥିଲେ। କାର୍ଯ୍ୟକ୍ରମରେ ବଳଦେବ ଦୀକ୍ଷିତ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ଜନ୍ମେଜୟ ଦୀକ୍ଷିତ, ପ୍ରଫୁଲ୍ଲ ଦୀକ୍ଷିତ, ମଦନ ସିଂ, ଦେବେନ୍ଦ୍ର ପଟେଲ ଅତିଥି ଭାବେ ଯୋଗଦେଇଥିଲେ। ମଞ୍ଚ ପରିଚାଳନା ମକର ଧ୍ୱଜ କଉଡ଼ି କରିଥିଲେ।

## କମ୍ୟୁନିଟି ସେଣ୍ଟର ଉଦ୍‌ଘାଟିତ



କମ୍ୟୁନିଟି ସେଣ୍ଟରକୁ ଉଦ୍‌ଘାଟନ କରାଯାଉଛି।

ଦେବଗଡ଼, ୭।୧୧(ଡି.ଏନ.ଏ)

ଦେବଗଡ଼ ପୌରାଞ୍ଚଳ ନୀଳବେର୍ଣ୍ଣୀ ସାହି (୯ନମ୍ବର ୱାର୍ଡ)ରେ ନୂତନ ଭାବେ ନିର୍ମିତ କମ୍ୟୁନିଟି ସେଣ୍ଟର ଉଦ୍‌ଘାଟିତ ହୋଇଯାଇଛି। ନୀଳବେର୍ଣ୍ଣୀ ସାହି କମିଟି ପକ୍ଷରୁ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜିଲା ଭାଜପା ଏସ୍.ସି. ମୋର୍ଚ୍ଚା ସଭାପତି ପ୍ରଜିତ କୁମାର ଭୋଜ ଫିତାକାଟି କମ୍ୟୁନିଟି ସେଣ୍ଟରକୁ ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସାହିବାସିନ୍ଦାଙ୍କ ସହ ଶିବା ମୁଖି, ସାଧାରଣ ସମ୍ପାଦକ ମକରଧ୍ୱଜ ହସ୍ତୀ ଓ ଦେବାନନ୍ଦ ନାଏକ, ସମ୍ପାଦକ ମହଦେବ ନାଏକ, ସଦସ୍ୟ ବିପିନ ବିହାରୀ ସୂର୍ଯ୍ୟା, ଗୋବିନ୍ଦ ହସ୍ତୀ, ସମ୍ବିତ ଜ୍ୟୋତିଶ, କମଳ ପାତ୍ର, ଶିବ ସୁନା, ବୃଷଭ ମୁଣ୍ଡା, ସମୀର ସୁନା, ଜଗ ରଣଜିତ, ସୁମନ୍ତ ଭୋଜ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସୁରୁ ପାତ୍ର ଓ ସଞ୍ଜିବ ଭୋଜ ପ୍ରମୁଖ ଉପସ୍ଥିତ ଥିଲେ।

## ମା' ପାତ୍ରାଣୀ କ୍ରିକେଟ ପ୍ରତିଯୋଗିତା ଉଦ୍‌ଯାପିତ

ରିଆମାଳ, ୭।୧୧ (ଡି.ଏନ୍.ଏ.)

ରିଆମଳ ବ୍ଲକ ତାରଙ୍ଗଠାରେ ଆଜକୁ ୭ଦିନ ହେବ ଚାଲିଥିବା ମା' ପାତ୍ରାଣୀ କ୍ରିକେଟ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ୧୬ଟି ଦଳ ଅଂଶଗ୍ରହଣ କରିଥିଲେ। ରବିବାର ଫାଇନାଲରେ ତାଳବାହାଲି ଦଳ କୁଚିଣ୍ଡାର ଖଡିଆପାଲି ଦଳକୁ ଭେଟିଥିଲା। ଖଡିଆପାଲି ଦଳ ଚାମ୍ପିୟନ ହୋଇଥିଲା। ଖେଳକୁ ଲେପନ ସ୍ୱାଇଁ ଓ ନିର୍ମଳ ବସନ୍ତରା ପରିଚାଳନା କରିଥିଲେ। ମୁଖ୍ୟ ଅତିଥି ଭାବରେ ବିଜେଡି ଜିଲା ସଭାପତି ରୋମାଞ୍ଚ ରଞ୍ଜନ ବିଶ୍ୱାଳ, ସମ୍ମାନିତ ଅତିଥି ଭାବେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ସୁଦର୍ଶନ ସାହୁ, ଜିଲା ବିଜୁ ଯୁବ ଜନତା ଦଳ ସଭାପତି ପ୍ରତାପ ଦେବ, ତାରଙ୍ଗ ସରପଞ୍ଚ ନାରାୟଣ ମହାଲିକ, ମୁନସୁନ ସାହୁ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିବା ସହିତ ପୁରସ୍କାର ପ୍ରଦାନ କରିଥିଲେ । କ୍ଲବ ସଭାପତି ସୁବାସ ମାଝି, ସମ୍ପାଦକ ଯଶୋବନ୍ତ ଦାସ, ସଦସ୍ୟ ଲିଙ୍କନ ଦାଶ, ନିଳମଣୀ ସାହୁ, ଯୁଗୋଳ କିଶୋର ସାହୁ, ପିଣ୍ଟୁ ସାହୁ, ଦୁଷନ୍ତ ସାହୁ, ଚନ୍ଦନ ବସନ୍ତରା, ବଳରାମ ସ୍ୱାଇଁ, ସୌମ୍ୟରଞ୍ଜନ ପ୍ରଧାନ, ସିକୁନ ସାହୁ ପ୍ରମୁଖ ସହଯୋଗ କରିଥିଲେ।




ତାରଙ୍ଗଠାରେ କ୍ରିକେଟ ପ୍ରତିଯୋଗିତାରେ ଅତିଥିଙ୍କ ସହ ଖେଳାଳି।

## ନିଃଶୁଳ୍କ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର

ସୁନ୍ଦରଗଡ,୭।୧୧(ଡି.ଏନ.ଏ.)

ସୁନ୍ଦରଗଡ଼ ରିଜେଣ୍ଟ ମାର୍କେଟ ନିକଟସ୍ଥ ମଦରସା ଅଜିଜିୟା ଏବଂ ରାଉରକେଲାର ଏକ ଘରୋଇ ହସ୍ପିଟାଲର ମିଳିତ ଆନୁକୂଲ୍ୟରେ ରବିବାର ନିଃଶୁଳ୍କ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଥିଲା। ସୁନ୍ଦରଗଡ ମଦରସା ଅଜିଜିୟା ପ୍ରାଙ୍ଗଣରେ ଅନୁଷ୍ଠିତ ଏହି ସ୍ୱାସ୍ଥ୍ୟ ପରୀକ୍ଷା ଶିବିରରେ ସୁନାମଧନ୍ୟ ଡାକ୍ତର ଉପସ୍ଥିତ ରହି ପରାମର୍ଶ ଦେଇଥିଲେ। ଏହି ଶିବିରରେ ହୃଦରୋଗ ବିଶେଷଜ୍ଞ ଡ.ତ୍ରିଲୋଚନ ଅଗ୍ରୱାଲା, ହୃତପିଣ୍ଡ ଓ ଧମନୀ ଶଲ୍ୟ ଚିକିତ୍ସକ ଡ. ଜାବିଦ ଭି ସାଦିକ, ବନ୍ଧ୍ୟାରୋଗ ବିଶେଷଜ୍ଞ ଡ.ସୁଜାତା କୁମାରୀ, ସ୍ତ୍ରୀରୋଗ ବିଶେଷଜ୍ଞ ଡ.କାର୍ତ୍ତିକ ଗାୟକ, ସାଧାରଣ ଶଲ୍ୟଚିକିତ୍ସକ ଡ. ବିଶ୍ୱଜିତ ମହାପାତ୍ର, ଅସ୍ଥିଶଲ୍ୟ ଚିକିତ୍ସକ ଡ. ଏସ.କେ ମହାପାତ୍ର ପ୍ରମୁଖ ଉପସ୍ଥିତ ରହି ସେବା ପ୍ରଦାନ କରିଥିଲେ। ଏତଦ୍‌ବ୍ୟତୀତ ନିଃଶୁଳ୍କ ଚକ୍ଷୁ ପରୀକ୍ଷା ମଧ୍ୟ କରାଯାଇଥିଲା। ସୂଚନାଯୋଗ୍ୟ ଶିବିରରେ ୭୮୩ ବ୍ୟକ୍ତିଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ନିଃଶୁଳ୍କ କରାଯାଇଥିଲା। ଏହି ଶିବିରରେ ମୁସଲିମ ସମ୍ପ୍ରଦାୟର ଯୁବତୀ ଯୁବକ ଓ ମହିଳା ଯଥା ଚାନ୍ଦ, ଫୈଜ, ଆର୍ଶଦ, ସାର୍ବି, ଏମ.ଡି କଲିମ, ଏମ.ଡି ସହଜାଦା, କେହକସା ପରୱିନ, ରୋକାଇୟା, ସିନ୍ନି, ରୁକ୍ସାର, ରୋଜି ପ୍ରମୁଖ ସ୍ୱେଚ୍ଛାସେବୀ ଭାବେ ଅଂଶଗ୍ରହଣ କରି ଶିବିର ପରିଚାଳନାରେ ସହଯୋଗ କରିଥିଲେ। ଏହି ପରିପ୍ରେକ୍ଷୀରେ ସୁନ୍ଦରଗଡ଼ ସଦର ମସଜିଦର ସଭାପତି ଏମ. ଡି କଲିମ, ମଦରସା ଅଜିଜିଆ ସଭାପତି ଏମ. ଡି ଇରସାଦ, କବରସ୍ଥାନ ସଭାପତି ଏମ. ଡି ତଉଫିକ ଆଲାମ, ସୟଦ ସାକିଲ ଅଜିଜି ପ୍ରମୁଖ ଉପସ୍ଥିତ ଥିଲେ।

## ଫୁଟ୍‌ବଲ ଟୁର୍ନାମେଣ୍ଟ, ତୁଡ଼ାଲଗା ଚାମ୍ପିୟନ



ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଯାପନୀରେ ଅତିଥିଙ୍କ ସହ ଖେଳାଳି।

କୁତ୍ରା, ୭।୧୧ (ଡି.ଏନ.ଏ.)

ସୁନ୍ଦରଗଡ଼ ଜିଲା କୁତ୍ରା ବ୍ଲକ ଗମ୍ଭାରଡିହି ଫ୍ରେଣ୍ଡସ କ୍ଲବ ପକ୍ଷରୁ ଆୟୋଜିତ ପଞ୍ଚ ଦିବସୀୟ ମେଗା ଫୁଟବଲ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ ତୁଡାଲଗା ଓ ଲାକ୍ରା ବ୍ରଦର୍ସ ମଧ୍ୟରେ ହୋଇଥିଲା। ଏଥିରେ ୨-୦ ଗୋଲରେ ତୁଡାଲଗା ଚାମ୍ପିୟନ ହୋଇଥିବାବେଳେ ଲାକ୍ରା ବ୍ରଦର୍ସ ଦ୍ୱିତୀୟ ହୋଇଥିଲା। ଜାମପାଲି ଦଳ ତୃତୀୟ ଓ ସଲଙ୍ଗାବାହାଲ ଦଳ ଚତୁର୍ଥ ସ୍ଥାନ ଅଧିକାର କରିଥିଲେ। ସମୁଦାୟ ୩୨ଟି ଦଳ ଅଂଶଗ୍ରହଣ କରିଥିଲେ। ପୁରସ୍କାର ବିତରଣୀ ଉତ୍ସବରେ ଅତିଥି ଭାବେ କୁତ୍ରା ଥାନା ଅଧିକାରୀ ସୁଶାନ୍ତ କୁମାର ପରିଡା, ଜେଏସ୍‌ଡବ୍ଲ୍ୟୁ ସିଏସ୍‌ଆର୍ ମୁଖ୍ୟ ସଂଗ୍ରାମ କେଶରୀ ରାଉତ, ସତ୍ୟଜିତ ସିହ୍ନା, ତୁନମୁରା ସରପଞ୍ଚ ଯମୁନା ମିଞ୍ଜ, ଅମରେଶ ପଣ୍ଡା, ବଳରାମ ପଣ୍ଡା ପ୍ରମୁଖ ଉପସ୍ଥିତ ରହି ଚାମ୍ପିୟନ ଟିମ୍‌କୁ ୫୦ ହଜାର, ଦ୍ୱିତୀୟ ଟିମ୍‌କୁ ୩୦, ତୃତୀୟ ଟିମ୍‌କୁ ୧୫ ଓ ଚତୁର୍ଥ ଟିମ୍‌କୁ ୧୦ ହଜାର ଟଙ୍କା ପୁରସ୍କୃତ କରିଥିଲେ। ଇଗନେସ ମାଝି, ଫ୍ରାନ୍ସିସ ମିଞ୍ଜ, ରଞ୍ଜିତ ଲାକ୍ରା, ସୁନୀଲ ମିଞ୍ଜ ପ୍ରମୁଖ ଖେଳ ପରିଚାଳନାରେ ସହଯୋଗ କରିଥିଲେ।

## କବାଡି ପ୍ରତିଯୋଗିତା: ବଣାଇ ଚାମ୍ପିୟନ

ଲହୁଣୀପଡ଼ା, ୭।୧୧(ଡି.ଏନ.ଏ.)

ସୁନ୍ଦରଗଡ଼ ଜିଲା ଲହୁଣୀପଡ଼ା ବ୍ରାହ୍ମଣସାହିସ୍ଥିତ ଖେଳପଡ଼ିଆରେ ଜୟ ଜଗନ୍ନାଥ କ୍ଲବ ପକ୍ଷରୁ ଏକ ଦିବସୀୟ ନବମ ବାର୍ଷିକ କବାଡି ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଟ ୧୨ଟି ଦଳ ଅଂଶଗ୍ରହଣ କରିଥିଲେ। ଦେଓପୋଷ ଦଳକୁ ୨୫-୧୫ ପଏଣ୍ଟରେ ହରାଇ ବଣାଇ ଦଳ ଚାମ୍ପିୟନ ହୋଇଥିଲା। ଏହି ଖେଳକୁ ଶାରୀରିକ ଶିକ୍ଷକ ପ୍ରଫୁଲ୍ଲ ସାହୁ, ରାମଚନ୍ଦ୍ର ବିଶ୍ୱାଳ, ଗଗନ ନାୟକ, ଭବାନୀ ରଣା, ଆଶୀଷ ସାହୁ, ଦୁର୍ଯ୍ୟୋଧନ ମାହାନ୍ତ, ନେତ୍ରାନନ୍ଦ ମାହାନ୍ତ ପରିଚାଳନା କରିଥିଲେ। ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଗମଲେଇ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରବୀନ୍ଦ୍ର କୁମାର ସାହୁ, ସମ୍ମାନିତ ଅତିଥି ଭାବେ ଇସ୍ପାତ ଜୟସୱାଲ, ଅନୀଲ ମାହାନ୍ତ, ଶଶୀଭୂଷଣ ମାହାନ୍ତ, ଖଗେଶ୍ୱର ମାହାନ୍ତ ଯୋଗଦେଇଥିଲେ। କବାଡି ଖେଳକୁ ବଞ୍ଚାଇ ରଖିବା ପାଇଁ ଖେଳାଳିମାନଙ୍କ ସମେତ ଖେଳ ପ୍ରେମୀଙ୍କ ଭିତରେ ଉତ୍ସାହ ସୃଷ୍ଟି କରିବା ଉଦ୍ଦେଶ୍ୟରେ ଅତିଥିମାନେ ବକ୍ତବ୍ୟ ପ୍ରଦାନ କରିଥିଲେ। ବିଜେତା ଓ ଉପବିଜେତା ଦଳକୁ ପୁରସ୍କାର ପ୍ରଦାନ କରାଯାଇଥିଲା। ସାଧୁ ମାହାନ୍ତ, ରଞ୍ଜନ ମାହାନ୍ତ, ମୋହିତ ମାହାନ୍ତ, ରାଜୀବ ମାହାନ୍ତ, ଗୋବର୍ଦ୍ଧନ ଡ଼ିଗାର, ଜ୍ୟୋର୍ତିମୟ ମାହାନ୍ତ, ମୃତ୍ୟୁଞ୍ଜୟ ମାହାନ୍ତ, ଜିତେନ୍ଦ୍ର ମାହାନ୍ତ ପ୍ରମୁଖଙ୍କ ସମେତ କ୍ଲବର କର୍ମକର୍ତ୍ତାମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



କବାଡି ପ୍ରତିଯୋଗିତାର ଖେଳାଳିଙ୍କ ସହ ଅତିଥି।

ଧରିତ୍ରୀ DHARITRI
ସମ୍ବଲପୁର, ସୋମବାର, ୮ ନଭେମ୍ବର, ୨୦୨୧



**ଆଜବେଷ୍ଟସ୍ ଭାଙ୍ଗି ଲୁଟ୍**

**ରାଉରକେଲା ଅଫିସ୍:** ରାଉରକେଲା ଝିରପାଣି ଥାନା ଅନ୍ତର୍ଗତ ଜଗଦା ପେଟ୍ରୋଲ ପମ୍ପ ନିକଟରେ ଥିବା ଏକ ଦୋକାନ ଆଜବେଷ୍ଟସ ଭାଙ୍ଗି ଶନିବାର ବିଳମ୍ବିତ ରାତିରେ ଲୁଟ ହୋଇଛି। ଏ ନେଇ ଥାନାରେ ଅଭିଯୋଗ ହେବା ପରେ ପୋଲିସ ତଦନ୍ତ ଆରମ୍ଭ କରିଛି। ଜଗଦା ମାର୍କେଟରେ ଏଲ୍‌ଡ଼ି ଟ୍ରେଡର୍ସ ମାର୍ବଲ ଦୋକାନର ମାଲିକ ଗଣେଶ ପ୍ରସାସ ଶନିବାର ରାତି ଦଶଟାରେ ଦୋକାନ ବନ୍ଦ କରି ଘରକୁ ଯାଇଥିଲେ। ବିଳମ୍ବିତ ରାତିରେ କେହି ଦୁର୍ବୃତ୍ତ ତାଙ୍କ ଦୋକାନ ଆଜବେଷ୍ଟସ୍ ଭାଙ୍ଗି ୧୦ ହଜାର ଟଙ୍କା ଓ ଲ୍ୟାପ୍‌ଟପ୍ ନେଇଯାଇଥିଲେ। ରବିବାର ସକାଳେ ଦୋକାନ ମାଲିକ ଆଜବେଷ୍ଟସ୍ ଭାଙ୍ଗାଯାଇଥିବା ଦେଖିଥିଲେ।

# ଗଞ୍ଜେଇ କାରବାର ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ହେବ

**ବୌଦ୍ଧ,୭।୧୧(ସ୍ୱ.ପ୍ର.)**

ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ (ଡିଜିପି) ଅଭୟ ରବିବାର ବୌଦ୍ଧ ଗସ୍ତରେ ଆସି ବୌଦ୍ଧ କନ୍ଧମାଳ ସୀମାନ୍ତ ଜଙ୍ଗଲରେ ଚାଲିଥିବା ବେଆଇନ ଗଞ୍ଜେଇ ଚାଷ ଓ ଆଇନଶୃଙ୍ଖଳା ପରିସ୍ଥିତିର ସମୀକ୍ଷା କରିଛନ୍ତି। ଅଭୟ ହେଲିକପ୍ଟର ଯୋଗେ ଆସି ବୌଦ୍ଧ କଚେରି ଖେଳପଡିଆଠାରେ ଅବତରଣ କରିବା ପରେ ଜିଲା ପୋଲିସ କାର୍ଯ୍ୟାଳୟ ଯାଇ ବରିଷ୍ଠ ପଦାଧିକାରୀଙ୍କ ସହିତ ସମୀକ୍ଷା ବୈଠକରେ ଯୋଗ ଦେଇଥିଲେ।

ବୈଠକରେ ମୁଖ୍ୟତଃ ବେଆଇନ ଗଞ୍ଜେଇ ଚାଲାଣ ରୋକିବା ପାଇଁ କାର୍ଯ୍ୟାନୁଷ୍ଠାନକୁ ଗୁରୁତ୍ୱ ଦିଆଯାଇଥିଲା।



ପୋଲିସ ମହାନିର୍ଦ୍ଦେଶକ ଅଭୟ ବୌଦ୍ଧ ଏସ୍‌ପି ଅଫିସ ସମ୍ମୁଖରେ ଗଣମାଧ୍ୟମକୁ ସୂଚନା ଦେଉଛନ୍ତି।

**ବୌଦ୍ଧ ଗସ୍ତରେ ପୋଲିସ ମହାନିର୍ଦ୍ଦେଶକ**

ବୌଦ୍ଧ, କନ୍ଧମାଳ ଜିଲାର ସୀମାନ୍ତ ଜଙ୍ଗଲ ମଧ୍ୟରେ ବ୍ୟାପକ ମାତ୍ରାରେ ଗଞ୍ଜେଇ ଚାଷ କରାଯାଉଥିବା ବେଳେ ବିଭିନ୍ନ ରାସ୍ତାଦେଇ ବାହାରକୁ ଚାଲାଣ କରାଯାଉଛି। ଏ ନେଇ ସତର୍କ ରହିବା ସହିତ ଚାଲାଣକାରୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଥିବା ପୋଲିସ ମହାନିର୍ଦ୍ଦେଶକ ଅଭୟ ଗଣମାଧ୍ୟମକୁ ସୂଚନା ଦେଇଥିଲେ। ଏହାସହ ଜିଲାରେ ମାଓବାଦୀଙ୍କ ଗତିବିଧି ଉପରେ ସର୍ତକ ଦୃଷ୍ଟି ଦିଆଯାଉଥିବା କହିଥିଲେ। ସମୀକ୍ଷା ବୈଠକରେ ପୋଲିସ ମହାନିର୍ଦ୍ଦେଶକଙ୍କ ସହିତ ଗୋଇନ୍ଦା ବିଭାଗ ନିର୍ଦ୍ଦେଶକ ଲଳିତ ଦାଶ, ସ୍ୱତନ୍ତ୍ର ଗୋଇନ୍ଦା ବିଭାଗ ଡିଆଇଜି ଅନିରୁଦ୍ଧ ସିଂହ, ଦକ୍ଷିଣାଞ୍ଚଳ ଡିଆଇଜି ସତ୍ୟବ୍ରତ ଭୋଇ, କନ୍ଧମାଳ ଏସ୍‌ପି ବିନିତ ଅଗ୍ରୱାଲା ଓ ବୌଦ୍ଧ ଏସ୍‌ପି ଜ୍ଞାନରଞ୍ଜନ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ସମୀକ୍ଷା ବୈଠକ ପରେ ଅଭୟ ଏସ୍‌ପି ମହାନ୍ତିଙ୍କ ସହିତ ଆଇଆରବି ୫ମ ବାଟାଲିୟନର ବିଭିନ୍ନ ବିଭାଗ ବୁଲି ଦେଖିବା ସହ ସୁବିଧା ଅସୁବିଧା ସମ୍ପର୍କରେ ପଚାରି ବୁଝିଥିଲେ। ସେଠାରୁ ବୌଦ୍ଧ ଆଦର୍ଶ ଥାନା ଯାଇ କର୍ମଚାରୀଙ୍କ ସହ ମତ ବିନିମୟ କରିଥିଲେ। ଜିଲା ପୋଲିସ ବିଭାଗର ବିଭିନ୍ନ ସମସ୍ୟା ସମ୍ପର୍କରେ ଏସ୍‌ପି ମହାନ୍ତିଙ୍କ ସହ ଆଲୋଚନା କରିଥିଲେ।

## ୭ ଦିନ ପରେ ବି ଆରମ୍ଭ ହୋଇନି ତଦନ୍ତ

**ମହିଳାଙ୍କୁ ଜାତିଆଣ ଆକ୍ଷେପ ଅଭିଯୋଗ**

**ବାଉଁଶୁଣୀ,୭।୧୧(ଡି.ଏନ.ଏ.)**

ପାରିବାରିକ ବିବାଦକୁ ନେଇ ଜଣେ ବ୍ୟକ୍ତି ବାଉଁଶୁଣୀ ଗଡଭିତର ସାହିକୁ ଯାଇ ଜଣେ ମହିଳାଙ୍କୁ ଜାତିଗତ ଆକ୍ଷେପ କରିବା ସହ ଦୁର୍ବ୍ୟବହାର ପ୍ରଦର୍ଶନ କରି ଜୀବନରେ ମାରି ଦେବାକୁ ଧମକ ଦେଇଥିବା ଅଭିଯୋଗ ହୋଇଛି। ଏହା ମଧ୍ୟରେ ୭ ଦିନ ବିତିଥିଲେ ମଧ୍ୟ ପୋଲିସ ତଦନ୍ତ ଆରମ୍ଭ କରି କୌଣସି କାର୍ଯ୍ୟାନୁଷ୍ଠାନ ନେଇନାହିଁ। ଫଳରେ ମହିଳାଙ୍କ ପରିବାର ନିଜକୁ ଅସୁରକ୍ଷିତ ମନେ କରୁଛନ୍ତି। ପ୍ରକାଶ ଯେ, ଗତ ୧ ତାରିଖ ଅପରାହ୍ନ ୨ଟା ସମୟରେ ଡିମିରିପାଲି ଗ୍ରାମର ଜଣେ ବ୍ୟକ୍ତି ବାଉଁଶୁଣୀ ଗଡଭିତର ସାହିର କ୍ଷୀରାର୍ଣ୍ଣବ ବେହେରାଙ୍କ ଘରକୁ ଯାଇ ଅସଭ୍ୟ ଭାଷାରେ ଗାଳିଗୁଲଜ କରିଥିଲେ। ଏହାର ପ୍ରତିବାଦ କରିବାରୁ ସେ ଉତ୍ତ୍ୟକ୍ତ ହୋଇ ଜାତିଆଣ ଆକ୍ଷେପ କରି କ୍ଷୀରାର୍ଣ୍ଣବଙ୍କ ସ୍ତ୍ରୀ କୁନ୍ତଳାଙ୍କ ଶାଢୀ ଟଣାଓଟରା କରିବା ସହ ମାଡ ମାରିଥିଲେ। ଏ ସମ୍ପର୍କରେ ସେହି ଦିନ ବାଉଁଶୁଣୀ ଥାନାରେ କୁନ୍ତଳା ବେହେରା ଲିଖିତ ଅଭିଯୋଗ କରିଥିଲେ। ପୋଲିସ ୨ ଦିନ ପରେ ୩ ତାରିଖରେ ମାମଲା ରୁଜୁ କରି ତଦନ୍ତକାରୀ ଅଧିକାରୀ ନିଯୁକ୍ତ କରିବାକୁ ବୌଦ୍ଧ ଏସ୍‌ପିଙ୍କୁ ଅନୁରୋଧ କରାଯାଇଥିଲା। ଏହାସତ୍ତ୍ୱେ ତଦନ୍ତ କରାଯାଇନାହିଁ। ତୁରନ୍ତ ଅଭିଯୋଗର ସତ୍ୟାସତ୍ୟ ଅନୁସନ୍ଧାନ କରି ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ କୁନ୍ତଳା ଆରକ୍ଷୀ ଅଧୀକ୍ଷକଙ୍କୁ ନିବେଦନ କରିଛନ୍ତି।

## ସଂକ୍ଷେପରେ

### ଫୁଟବଲ: ଗର୍ଭନା ଚାମ୍ପିୟନ



**ବରଗଡ଼ ଅଫିସ୍,୭।୧୧:** ବରଗଡ଼ ବ୍ଲକ ଉଲବାଠାରେ ଚାଲିଥିବା ପଞ୍ଚଦିବସୀୟ ଫୁଟବଲ ପ୍ରତିଯୋଗିତା ରବିବାର ଉଦ୍‌ଯାପିତ ହୋଇଛି। ଉକ୍ତ ପ୍ରତିଯୋଗିତାରେ ୧୬ଟି ଦଳ ଅଂଶଗ୍ରହଣ କରିଥିଲେ। ଉଲବା ଏବଂ ଗର୍ଭନା ଫାଇନାଲକୁ ଉନ୍ନୀତ ହୋଇଥିଲେ। ଏଥିରେ ଗର୍ଭନା ପ୍ରତିପକ୍ଷ ଉଲବାକୁ ୧-୦ ଗୋଲରେ ହରାଇ ଚାମ୍ପିୟନ ହୋଇଥିଲା। ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ମୁଖ୍ୟଅତିଥି ଭାବେ ଯୋଗଦେଇ ଚାମ୍ପିୟନ ଦଳକୁ ପୁରସ୍କୃତ କରିଥିଲେ। ସେହିପରି ପୂର୍ବତନ ସରପଞ୍ଚ ତଥା ବରଗଡ଼ ବ୍ଲକ ବିଜେଡ଼ି ସଭାପତି ପ୍ରଫୁଲ୍ଲ ନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇ ରନର୍ସ ଅପ୍ ଦଳକୁ ପୁରସ୍କାର ପ୍ରଦାନ କରିଥିଲେ।

### ବଲାଙ୍ଗୀର ଏନ୍‌ପିଏସ୍ ଶିକ୍ଷକ ସଂଘର ନୂତନ କର୍ମକର୍ତ୍ତା

**ବଲାଙ୍ଗୀର ଅଫିସ, ୭।୧୧:** ସ୍ଥାନୀୟ ସରକାରୀ ଟାଉନ ବାଳିକା ଉଚ୍ଚ ବିଦ୍ୟାଳୟଠାରେ ଓଡିଶା ସରକାରୀ ହାଇସ୍କୁଲ ଏନ୍‌ପିଏସ୍ ଶିକ୍ଷକ ସଂଘ ବଲାଙ୍ଗୀର ଜିଲା ଶାଖା ପକ୍ଷର ଏକ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ଶିକ୍ଷକ ମାନଙ୍କ ବିଭିନ୍ନ ସମସ୍ୟା ସହିତ ୨୦୦୪ ମସିହାରୁ ସରକାରୀ କର୍ମଚାରୀଙ୍କ ଠାରେ ଲାଗୁ ହୋଇଥିବା ନୂତନ ପେନସନ ଯୋଜନାକୁ ସମ୍ପୂର୍ଣ୍ଣ ଉଚ୍ଛେଦ କରି ପୁରୁଣା ପେନସନ ଯୋଜନା ଲାଗୁ କରିବା, ୬ ବର୍ଷର ଚୁକ୍ତିଭିତ୍ତିକ ସମୟକୁ ଚାକିରିରେ ଯୋଗ କରିବା ପ୍ରଭୃତି ଦାବି ଉପରେ ବୈଠକରେ ଆଲୋଚନା ହୋଇଥିଲା। ଜିଲା ଶିକ୍ଷା ଅଧିକାରୀଙ୍କ ମାଧମରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିବା ପାଇଁ ନିଷ୍ପତ୍ତି ହୋଇଥିଲା। ବୈଠକରେ ନୂତନ କର୍ମକର୍ତ୍ତା ଚୟନ ପାଇଁ ପ୍ରସ୍ତାବ ଗ୍ରହଣ କରାଯାଇଥିଲା। ସର୍ବସମ୍ମତିକ୍ରମେ ରାଜକୁମାର ଭୋଇ ସଭାପତି, ବୀର ସୁନା ସମ୍ପାଦକ, ଉପସଭାପତି ହେମନ୍ତ ବାରିକ, ମୋନାଲିସା ମହାପାତ୍ର, ଯୁଗ୍ମ ସମ୍ପାଦକ ରଶ୍ମିରାଣୀ ଦାଶ, କୋଷାଧ୍ୟକ୍ଷଭାବେ ଭକ୍ତ ନାଏକ ମନୋନୀତ ହୋଇଥିଲେ। ଶିକ୍ଷକ ହେମନ୍ତ ବାରିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟ ପ୍ରଧାନଶିକ୍ଷକ ନରେନ୍ଦ୍ର ମିଶ୍ର, ଦ୍ୟୁତି ରଞ୍ଜନ ମହାଲିଙ୍ଗ, ବୀର ସୁନା, ନରେଶ ଦ୍ୱାରି, ଡୋଳାମଣି ସାହୁ, ନବଘନ ସାହୁ, ରାମ ନାରାୟଣ ଦାଶ, ବିନୋଦ ମିଶ୍ର ମଞ୍ଚାସୀନ ହୋଇଥିଲେ। ୧୪ଟି ବ୍ଲକର ବିଭିନ୍ନ ବିଦ୍ୟାଳୟର ଶିକ୍ଷକମାନେ ଯୋଗଦେଇଥିଲେ।

### ଝରଣ ସିନେମା ପ୍ରଯୋଜକ ଡ. ଶ୍ରୀକର ମିଶ୍ରଙ୍କୁ ସମ୍ବର୍ଦ୍ଧନା



**ବଲାଙ୍ଗୀର ଅଫିସ, ୭।୧୧:** ପାଟଣେଶ୍ୱରୀ ଆର୍ଟ ଆଣ୍ଡ୍ କଲଚରାଲ ଟ୍ରଷ୍ଟ ବଲାଙ୍ଗୀର ପ୍ରଯୋଜିତ କୋଶଲୀ ଭାଷାର ସିନେମା ଝରନ ରାଜ୍ୟ ଚଳଚିତ୍ର ପୁରସ୍କାର ୨୦୧୯ ଶ୍ରେଷ୍ଠ ପ୍ରାନ୍ତୀୟ ଭାଷା ଚଳଚିତ୍ର ପୁରସ୍କାର ପାଇଛି। ଏଥିପାଇଁ ଏହାର ପ୍ରଯୋଜକ ଡ. ଶ୍ରୀକର ମିଶ୍ରଙ୍କୁ ସ୍ଥାନୀୟ ସାମ୍ବାଦିକ ଭବନଠାରେ ସମ୍ବର୍ଦ୍ଧିତ କରାଯାଇଥିଲା। ନଟରାଜ କଳା ପରିଷଦ ଦ୍ୱାରା ଆୟୋଜିତ ଏହି ସମ୍ବର୍ଦ୍ଧନା ସଭାରେ ବରିଷ୍ଠ କଳାକାର ଚିତ୍ତରଞ୍ଜନ ଦାଶ ସଭାପତିତ୍ୱ କରିଥିଲେ। ଦତ୍ତାନନ୍ଦ ପଣ୍ଡା, ସିନେମା ଲେଖକ ପ୍ରଶାନ୍ତ ଖମାରୀ, କଳାକାର ଧୃରାଜ ବେଟ୍ ମଞ୍ଚାସୀନ ହୋଇଥିଲେ। ସଭାକାର୍ଯ୍ୟରେ ଡ. ମିଶ୍ରଙ୍କୁ ବିଭିନ୍ନ ଅନୁଷ୍ଠାନ ଯଥା ନଟରାଜ କଳା ପରିଷଦ, ଭୂମିକା, ଶାକମ୍ଭରୀ ଆର୍ଟ, ଡ୍ରାମା ଚେତନା ସୋହେଲା, ଜିଲା କଳାକାର ସଂଘ, ରାମଜୀ ଅନୁଷ୍ଠାନ ସଦାଇପାଲି, ଜିଲା ସାମ୍ବାଦିକ ସଂଘ ବିଙ୍ଗ୍ ହ୍ୟୁମାନ ଫାଉଣ୍ଡେଶନ, ଚନ୍ଦନ ଭାଟି ବଘଲା ଗ୍ରାମବାସୀ, ଇଣ୍ଟରନ୍ୟାଶନାଲ ଫିଲ୍ମ ଫେଷ୍ଟିଭାଲ ସଙ୍ଗଠନ, ବ୍ରିସ୍କା, କୋଶଳ ଫୋକ ଏକାଡେମୀ, ବିଷ୍ଣୁପ୍ରିୟା କଲଚରାଲ ଏକାଡେମୀ ସହ ବହୁ ସଙ୍ଗଠନ ପକ୍ଷରୁ ଡ. ମିଶ୍ରଙ୍କୁ ସମ୍ମାନିତ କରାଯାଇଥିଲା। ଏଥିରେ ବଲାଙ୍ଗୀରର ଅନେକ ବୁଦ୍ଧିଜୀବୀ, କଳାକାର, କ୍ରୀଡାବିତ ଓ ସଙ୍ଗଠକ ଉପସ୍ଥିତ ଥିଲେ।

# ୨ ନୃତ୍ୟଶିଳ୍ପୀ ସମ୍ବର୍ଦ୍ଧିତ


ଅତିଥିମାନେ ନୃତ୍ୟଶିଳ୍ପୀଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

**ବିନିକା,୭।୧୧(ଡି.ଏନ୍.ଏ)**

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ସିଂଘିଝୁବା ପଞ୍ଚାୟତ ଅନ୍ତର୍ଗତ ଜାମପାଲିରେ ଗିରି ଗୋବର୍ଦ୍ଧନ ପୂଜା ଉପଲକ୍ଷେ ଦଣ୍ଡନୃତ୍ୟ ଆୟୋଜିତ ହୋଇଥିଲା। ଏହି ଅବସରରେ ଦୁଇଜଣ ନୃତ୍ୟଶିଳ୍ପୀଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ସେମାନେ ହେଲେ ଜିଲା ମନମୁଣ୍ଡା ଥାନା ଅଞ୍ଚଳର ରୁନୀ ବଗର୍ତ୍ତୀ ଏବଂ କଣ୍ଟାମାଳ ଥାନା ମାଲପଡା ଗ୍ରାମର ପଞ୍ଚମୀ ନନ୍ଦ। ପଶ୍ଚିମ ଓଡିଶା ଟ୍ରାଫିକ ସଚେତନତା ସଂଯୋଜକ ପଦ୍ମଲୋଚନ ଭୋଇସାଗର ଉଭୟ ନୃତ୍ୟଶିଳ୍ପୀଙ୍କୁ ମାନପତ୍ର ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା।

# ୨ବର୍ଷର ଶିଶୁକୁ ଉଦ୍ଧାର କଲା ଜିଲା ଶିଶୁ ମଙ୍ଗଳ ସମିତି

**ଭବାନୀପାଟଣା,୭।୧୧(ସ୍ୱ.ପ୍ର.)**

ଭବାନୀପାଟଣା ସହର ଦର୍ପଣ ସାଗରପଡାରେ ବେକରେ ଦଉଡ଼ି ଦେଇ ଶୁକ୍ରବାର ରାତିରେ ରମ୍ଭା ରାଉତ ନାମକ ଜଣେ ମହିଳା ଆତ୍ମହତ୍ୟା କରିଥିଲେ। ମୃତା ମହିଳାଙ୍କ ୨ ବର୍ଷର ଶିଶୁପୁତ୍ରକୁ ଉଦ୍ଧାର କରିଛି ଜିଲା ଶିଶୁ ମଙ୍ଗଳ ସମିତି। ଏବେ ଶିଶୁପୁତ୍ରକୁ ନେହେରୁ ସେବା ସଂଘ ଦ୍ୱାରା ପରିଚାଳିତ ଶିଶୁଯତ୍ନ ଅନୁଷ୍ଠାନରେ ଉପଯୁକ୍ତ ସେବା ଓ ଯତ୍ନ ସହ ଶିଶୁଟିକୁ ଥଇଥାନ କରାଯାଇଛି। ଏଥିସହ ଶିଶୁଟିର ବାପା କିମ୍ବା ନିକଟ ସମ୍ପର୍କୀୟଙ୍କୁ ଖୋଜି ଶିଶୁ ମଙ୍ଗଳ ସମିତିରେ ହାଜର କରିବାକୁ ଟାଉନ ଥାନା ପୋଲିସକୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ଜିଲା ଶିଶୁ ମଙ୍ଗଳ ସମିତି ସଦସ୍ୟ ସତ୍ୟ ନାରାୟଣ ମହାପାତ୍ର ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ ଯେ, ରମ୍ଭା ରାଉତ ଗତ ୧୦ ମାସ ହେଲା ସହରର ଦର୍ପଣ ସାଗର ପଡାରେ ଏକ ଭଡା ଘରେ ରହୁଥିଲେ। ଗତ ଶୁକ୍ରବାର ରାତିରେ ସେ ବେକରେ ଦଉଡ଼ି ଦେଇ ଘର ଭିତରେ ଆତ୍ମହତ୍ୟା କରିଥିଲେ। ଶନିବାର ସକାଳେ ମା'ଙ୍କ ମୃତଦେହ ନିକଟରେ ୨ ବର୍ଷର ଶିଶୁପୁତ୍ର କାନ୍ଦୁଥିବା ଦେଖି ସ୍ଥାନୀୟ ଲୋକେ ପୋଲିସକୁ ଖବର ଦେଇଥିଲେ। ପୋଲିସ ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ନିମନ୍ତେ ଜିଲା ମୁଖ୍ୟ ଡାକ୍ତରଖାନାକୁ ପଠାଇଥିଲା। ତେବେ ମା'ଙ୍କ ମୃତ୍ୟୁ ପରେ ବର୍ତ୍ତମାନ ଯାଏଁ ଶିଶୁପୁତ୍ରଟିର କୌଣସି ଦାବିଦର ନ ଆସିବାରୁ ଜିଲା ଶିଶୁ ମଙ୍ଗଳ ସମିତି ଉଦ୍ଧାର କରି ଶିଶୁଯତ୍ନ ଅନୁଷ୍ଠାନରେ ଶିଶୁକୁ ଥଇଥାନ କରିଛି।



ଉଦ୍ଧାର ଶିଶୁଙ୍କ ସହ ଜିଲା ଶିଶୁ ମଙ୍ଗଳ ସମିତି।

## ପଞ୍ଚାୟତସ୍ତରୀୟ ଡ୍ରାଇଭର ସଂଘ ବୈଠକ

**କୋକସରା,୭।୧୧(ଡି.ଏନ.ଏ.)**

କଳାହାଣ୍ଡି ଜିଲା କୋକସରା ବ୍ଲକ ଆମପାଣି ନିୟନ୍ତ୍ରିତ ବଜାର କମିଟି ପ୍ରାଙ୍ଗଣରେ ରବିବାର ଆମପାଣି ପଞ୍ଚାୟତସ୍ତରୀୟ ଡ୍ରାଇଭର ସଂଘ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ମୁଖ୍ୟଅତିଥି ଭାବେ ଆମପାଣି ସରପଞ୍ଚ ଟିକିଚନ୍ଦ୍ର ଧଙ୍ଗଡାମାଝି, ସମ୍ମାନିତ ଅତିଥି ଭାବେ କୋକସରା ଡ୍ରାଇଭରସଂଘ ଏଡ୍‌ମିନ ବୃନ୍ଦାବନ ଦୁର୍ଗା ଓ ଚଇ ଗୋପାଳ ଯୋଗଦେଇଥିଲେ। ଅନ୍ୟଅତିଥିମାନଙ୍କ ମଧ୍ୟରେ ଲୁଲୁ ଯାଦବ, ଶରତ ରାଉତ, କିସନ ମାଝି, ଯୁବରାଜ ପରାଭେଏ ପ୍ରମୁଖ ଯୋଗଦେଇଥିଲେ। ସେପ୍ଟେମ୍ବର ୧ରେ ଦିଆଯାଇଥିବା ୧୦ ଦଫା ଦାବି ମଧ୍ୟରେ ୫ଦଫା ଦାବି ରାଜ୍ୟ ସରକାର ପୂରଣ କରିଥିବା ବେଳେ ଅନ୍ୟ ୫ଦଫା ଦାବି ପରବର୍ତ୍ତି ପର୍ଯ୍ୟାୟରେ ପୂରଣ କରିବା ପ୍ରତିଶ୍ରୁତି ଦେଇଛନ୍ତି। ଅନ୍ୟ ଦାବିଗୁଡିକ ପୂରଣ ନ ହେଲେ ଆଗାମୀ ଦିନରେ ଷ୍ଟେରିଂ ଛାଡ ଆନ୍ଦୋଳନ କରିବାକୁ ଡ୍ରାଇଭର ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି। ଏହି ଅବସରେ ପଞ୍ଚାୟତସ୍ତରୀୟ ଡ୍ରାଇଭର ସଂଘ କର୍ମକର୍ତ୍ତା ଚୟନ କରାଯାଇଥିଲା। ଏଥିରେ ସଭାପତି ଭାବେ ଭବାନୀ ଶଙ୍କର ପୁରୋହିତ ମନୋନୀତ ହୋଇଥିବାବେଳେ ଉପସଭାପତି ଭାବରେ ଦୁର୍ଲ୍ଲଭ ପୂଝାରୀ, ସମ୍ପାଦକ ପଦ୍ମନାଭ ମାଝି, ସହ ସମ୍ପାଦକ ଛନ୍ଦା ଚରଣ ଦିଶାରୀ ଓ କୋଷାଧ୍ୟକ୍ଷ ଭାବେ ଉପେନ୍ଦ୍ର ମାଝିଙ୍କୁ ମନୋନୀତ କରାଯାଇଥିଲା। କାର୍ଯ୍ୟକ୍ରମ କମଳ ରାଉତ ପରିଚାଳନା କରିଥିବା ବେଳେ ବିଭିନ୍ନ ପଞ୍ଚାୟତରୁ ଶତାଧିକ ଡ୍ରାଇଭର ଯୋଗଦେଇଥିଲେ।

# ରକ୍ତଦାନ ଶିବର, ୫୩ ୟୁନିଟ ରକ୍ତ ସଂଗ୍ରହ

**ସୋନପୁର,୭।୧୧(ନି.ପ୍ର.)**

ଓଡିଶା ମୋ ପରିବାର ଜୀବନ ବିନ୍ଦୁ ପକ୍ଷରୁ ସୋନପୁର ବ୍ଲକ ହରଡଖୋଲସ୍ଥିତ ଶୁଭେଶ୍ୱର ଗ୍ରାମ ପଞ୍ଚାୟତ ହାଇସ୍କୁଲ ପରିସରରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ରବିବାର ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ଅର୍ଥ ଓ ଅବକାରୀ ବିଭାଗ ମନ୍ତ୍ରୀ ନିରଞ୍ଜନ ପୂଜାରୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ରକ୍ତଦାନ ଭଳି ମହତ କାମ ପାଇଁ ଯୁବତୀ ଯୁବକମାନେ ଆଗେଇ ଆସିବାକୁ ମନ୍ତ୍ରୀ ପୂଜାରୀ ଆହ୍ୱାନ ଦେଇଥିଲେ। ସମ୍ମାନିତ ଅତିଥିଭାବେ ସୋନପୁର ବ୍ଲକ ଅଧକ୍ଷା ମନ୍ଦାକିନୀ ନାଗ, ଜୀବନ ବନ୍ଧୁ କାର୍ଯ୍ୟକ୍ରମ ଜିଲା ସଂଯୋଜକ ରଞ୍ଜିତ ରଥ, ହରଡଖୋଲ ସରପଞ୍ଚ ତୃପ୍ତିମୟୀ କୁଅଁର, ପ୍ରଧାନଶିକ୍ଷକ ସଚ୍ଚିଦାନନ୍ଦ ବାଘ ଓ ବିଦ୍ୟାଳୟର ପ୍ରତିଷ୍ଠାତା ଦେବାର୍ଚ୍ଚନ ଚାଉଳିଆ ଯୋଗ ଦେଇଥିଲେ। ବିଦ୍ୟାଳୟ କମିଟି ସଭାପତି ମୋହନ କର୍ମୀ, ପ୍ରାକ୍ତନ ସଭାପତି ରାଜକୁମାର ସୁନା, ଗୌତମ ମେହେର, ସୁରପତି ଅମାତ ଓ ସୁବାଷ ରଣା ଶିବିର ଆୟୋଜନରେ ସହଯୋଗ କରିଥିଲେ। ଶିବିରରେ ମୋଟ ୫୩ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା।


ସ୍ୱେଚ୍ଛାସେବୀମାନେ ରକ୍ତଦାନ କରୁଛନ୍ତି।

# ଗାଁ ରାସ୍ତା ସଫା କଲେ ଯୁବଗୋଷ୍ଠୀ


ପୋଡମୁଣ୍ଡାର ଯୁବକମାନେ ରାସ୍ତାରୁ ଅନାବନା ଘାସଲତା ସଫା କରୁଛନ୍ତି।

**ଖପ୍ରାଖୋଲ, ୭।୧୧ (ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ସଦର ପଞ୍ଚାୟତ ପୋଡମୁଣ୍ଡାର ଯୁବକମାନେ ନିଜ ଉଦ୍ୟମରେ ଗାଁ ରାସ୍ତା ରବିବାର ସଫେଇ କରିଛନ୍ତି। ଖପ୍ରାଖୋଲରୁ ପୋଡମୁଣ୍ଡ ଗାଁକୁ ପ୍ରାୟ ୨ କିମି ଦୂର ରାସ୍ତା ଶୋଚନୀୟ ହୋଇ ପଡିଥିଲା। ବର୍ଷାଋତୁରେ ଏହି କଚାରାସ୍ତା କର୍ଦ୍ଦମାକ୍ତ ହୋଇଯାଇଥିଲା। ଏଥିସହ ଅନାବନା ଗଛ, ଘାସଲଟା ମାଡି ରାସ୍ତା ଉପରକୁ ମାଡି ଆସିଥିଲା। ଫଳରେ ଲୋକେ ଯିବା ଆସିବା ବେଳେ ବହୁ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ରବିବାର ସକାଳେ ଗାଁର ନାରାୟଣ ନାଗ, ହରିହର ହଂସ, ରୁପେନ୍ଦ୍ର ଛତର, କୁମର ବରିହା, ଦୁର୍ବାସା ବାଗ, ଚତୁର ପରାଭୁଏ, ଗୌତମ କଟା, ଝସ ମେହେର ପ୍ରମୁଖ ୫୦ରୁ ଉର୍ଦ୍ଧ୍ୱ ଯୁବକ ଏବଂ ଗ୍ରାମବାସୀ କୋଡି, ଫାଉଣ୍ଡା ଧରି ରାସ୍ତାରୁ ଅନାବନା ଗଛ ଓ ଘାସଲତା ସଫା କରିଥିଲେ। ଖାଲଖମା ହୋଇଥିବା ସ୍ଥଳରେ ମାଟି ମୋରମ ପକାଇ ସମତୁଲ କରିଥିଲେ।

# ରେଳ ଉପଭୋକ୍ତା ସଂଘର ସଭା

**ବରଗଡ଼ ଅଫିସ୍,୭।୧୧**

ବରଗଡ଼ ଜିଲା ରେଳ ଉପଭୋକ୍ତା ସଂଘର ବାର୍ଷିକ ସାଧାରଣ ସଭା ରବିବାର ସ୍ଥାନୀୟ ଅଗ୍ରଗାମୀ ଯୁବକ ସଂଘ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ପ୍ରଦୀପ ଦେବତାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ସମ୍ବଲପୁର-ପୁରୀ ଇଣ୍ଟରସିଟି ବରଗଡ଼କୁ ସମ୍ପ୍ରସାରଣ ନେଇ ଆଲୋଚନା ହୋଇଥିଲା। ଏହାକୁ ନେଇ ଆଗାମୀ ଦିନରେ ଆନ୍ଦୋଳନକୁ ଓହ୍ଲାଇବା ପାଇଁ ସଭାରେ ନିଷ୍ପତ୍ତି ହୋଇଥିଲା। ସମ୍ପାଦକ କମଳ ଯୋଶୀ ବିବରଣୀ ପାଠ କରିଥିଲେ। ସଭାରେ ଗୋବିନ୍ଦ ଦାଶ ଏବଂ ଅଚ୍ୟୁତାନନ୍ଦ ବାରିକଙ୍କୁ ନୂତନ ସଦସ୍ୟ ଭାବେ ସ୍ୱାଗତ କରାଯାଇଥିଲା। ନିର୍ମଳ କର କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ପ୍ରୀତମ ସିଂ ଧନ୍ୟବାଦ ଅର୍ପଣ କରିଥିଲେ। କୃଷ୍ଣଚନ୍ଦ୍ର ପଣ୍ଡା, ଇନ୍ଦିରା ମହାନ୍ତି, କିଶୋର କୁମାର ରଥ, ଅଭିଜିତ ପ୍ରତିହାର, ତୁଳସୀ ଦାଶ, ଗୋପାଳ ଦାଶ, ମଳୟ ମହାନ୍ତି, ଦେବୀ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ବୌଦ୍ଧ ବିଜ୍ଞାପିତ ଅଞ୍ଚଳକୁ ପୌର ପରିଷଦ ମାନ୍ୟତା ଦାବି

**ବୌଦ୍ଧ,୭।୧୧(ସ୍ୱ.ପ୍ର.)**

ଆଗକୁ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ। ଏନେଇ ସବୁ ରାଜନୈତିକ ଦଳ ପକ୍ଷରୁ ନିର୍ବାଚନ ନେଇ ସଜବାଜ ଆରମ୍ଭ ହୋଇଯାଇଛି। ବୌଦ୍ଧ ଜିଲାରେ କଂଗ୍ରେସ ଦଳ ନିଜର ରଣକୌଶଳ ଆରମ୍ଭ କରିଛି। ଏନେଇ ରବିବାର ଦିନ ଜିଲା କଂଗ୍ରେସ ପକ୍ଷରୁ ଏକ ଖବରଦାତା ସମ୍ମିଳନୀ ଜିଲା କଂଗ୍ରେସ ସଭାପତି ନବ କୁମାର ମିଶ୍ରଙ୍କ ଅଧକ୍ଷତାରେ କଂଗ୍ରେସ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲାର ସମସ୍ତ ପଞ୍ଚାୟତରେ ଆସନ୍ତା ୧୪ରୁ ୩୦ ତାରିଖ ପର୍ଯ୍ୟନ୍ତ ଜନଜାଗରଣ ଅଭିଯାନ କରାଯିବ। ଏହାଛଡା ୧୨ ତାରିଖରେ ଦରବୃଦ୍ଧି ଓ ଶିକ୍ଷୟିତ୍ରୀ ମମିତା ମେହେର ହତ୍ୟା ଘଟଣାରେ କଂଗ୍ରେସ ଦେଇଥିବା ଓଡିଶା ବନ୍ଦ ଡାକରାରେ ବୌଦ୍ଧ ଜିଲା କଂଗ୍ରେସ ସାମିଲ ହୋଇ ୬ ଘଣ୍ଟିଆ ବୌଦ୍ଧ ଜିଲା ବନ୍ଦ କରାଯିବ ବୋଲି ମିଶ୍ର ଖବରଦାତା ସମ୍ମିଳନୀରେ କହିଥିଲେ। ବୌଦ୍ଧ ଜିଲାବାସୀଙ୍କ ଦୀର୍ଘ ଦିନର ମୁଖ୍ୟ ଦାବି ବୌଦ୍ଧ ବିଜ୍ଞାପିତ ଅଞ୍ଚଳକୁ ପୌରପରିଷଦର ମାନ୍ୟତା ଦେବାକୁ କଂଗ୍ରେସ ପକ୍ଷରୁ ଆନ୍ଦୋଳନ ଜୋରଦାର କରାଯିବ। ଯଦି ବୌଦ୍ଧ ବିଜ୍ଞାପିତ ଅଞ୍ଚଳକୁ ପୌର ପରିଷଦର ମାନ୍ୟତା ନ ଦିଅନ୍ତି, ତେବେ ଜିଲା କଂଗ୍ରେସ ପକ୍ଷରୁ ୧୦ ତାରିଖରେ ଏକ ଦାବିପତ୍ର ଜିଲାପାଳଙ୍କ ଜରିଆରେ ରାଜ୍ୟ ସରକାରଙ୍କୁ ପ୍ରଦାନ କରାଯିବା ସହ ୧୪ ତାରିଖଠାରୁ ୨୦ ତାରିଖ ଭିତରେ କଂଗ୍ରେସ ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ତିନି ଦିନିଆ ଅହୋରାତ୍ର ଧାରଣା ଦିଆଯିବ ବୋଲି ମିଶ୍ର କହିଥିଲେ। ଏହି ସମ୍ମିଳନୀରେ ଜିଲା କଂଗ୍ରେସ ପ୍ରବକ୍ତା ଉଦୟନାଥ ଶର୍ମା, ଜିଲା କଂଗ୍ରେସ ଉପସଭାପତି ସମରେଶ ମିଶ୍ର, ସଂଗଠନ ସଂପାଦକ ସରୋଜ ପ୍ରଧାନ, ମହିଳା କଂଗ୍ରେସ ସଭାନେତ୍ରୀ କବିତା ମହାକୁଡ ପ୍ରମୁଖ ଉପସ୍ଥିତ ଥିଲେ।



ବୌଦ୍ଧ ଜିଲା କଂଗ୍ରେସ ପକ୍ଷରୁ ଖବରଦାତା ସମ୍ମିଳନୀରେ ଯୋଗ ଦେଇଥିବା କର୍ମକର୍ତ୍ତା।

**ବୌଦ୍ଧ ଜିଲା କଂଗ୍ରେସର ଖବରଦାତା ସମ୍ମିଳନୀ**

# ୧୦ ହାଇସ୍କୁଲରେ ନାହାନ୍ତି କମ୍ପ୍ୟୁଟର ଶିକ୍ଷକ

**ବିନିକା, ୭।୧୧(ଡି.ଏନ୍.ଏ.)**

- କମ୍ପ୍ୟୁଟର ଶିକ୍ଷାରୁ ବଞ୍ଚିତ ହେଉଛନ୍ତି ପିଲା
- ନଷ୍ଟ ହେବାକୁ ବସିଲାଣି କମ୍ପ୍ୟୁଟର, ଅନ୍ୟାନ୍ୟ ସାମଗ୍ରୀ

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ଓ ପୌରାଞ୍ଚଳର ୧୦ ହାଇସ୍କୁଲର ପିଲାଙ୍କୁ କମ୍ପ୍ୟୁଟର ଶିକ୍ଷା ପ୍ରଦାନ ପାଇଁ ବ୍ୟବସ୍ଥା କରାଯାଇଥିଲା। ପ୍ରତ୍ୟେକ ସ୍କୁଲକୁ ଯୋଗାଇ ଦିଆଯାଇଥିଲା କମ୍ପ୍ୟୁଟର ଓ ଅନ୍ୟ ସାମଗ୍ରୀ। ସେହି ଶିକ୍ଷାନୁଷ୍ଠାନ ଗୁଡିକ ହେଲା ଶଙ୍କରା ବ୍ରଜବିହାରୀ ହାଇସ୍କଲ, ବାଉଁଶୁଣୀ ଦଧିବାମନ ହାଇସ୍କୁଲ, ସିଲାଟି ଗୋପାଳଜୀ ହାଇସ୍କୁଲ, ଭଣ୍ଡାର ହାଇସ୍କୁଲ, କର୍ଡଙ୍ଗ ହାଇସ୍କୁଲ, କୁଇବାହାଲ ହାଇସ୍କୁଲ, ସେଲେଡି ହାଇସ୍କୁଲ, ସିନ୍ଦୁରପୁରର ଗୋପଲଜୀ ହାଇସ୍କଲ, ବିନିକା ମହିଳା ହାଇସ୍କୁଲ ଓ ବିନିକା ହାଇସ୍କୁଲ। ହେଲେ ସରକାରଙ୍କ ଏହି ଯୋଜନା ଏଠାରେ ଫେଲ ମାରିଥିବା ଅଭିଯୋଗ ହୋଇଛି। କମ୍ପ୍ୟୁଟର ସେଟ୍ ସିନା ଯୋଗାଇ ଦିଆଗଲା ହେଲେ ନିଯୁକ୍ତ ଶିକ୍ଷକଙ୍କ ସ୍ଥାୟୀ କରଣ ସହ ଅନ୍ୟାନ୍ୟ ଦାବି ପୂରଣ ନ ହେବାରୁ ସେମାନେ କାର୍ଯ୍ୟରୁ ବିରତ ରହିଛନ୍ତି। ଏହି କାରଣରୁ ପିଲାଙ୍କୁ ଦିଆଯାଇ ପାରୁନାହିଁ କମ୍ପ୍ୟୁଟର ଶିକ୍ଷା। କ୍ରୟଦିନରୁ ହିଁ ସ୍କୁଲ ପରିସ୍ଥ ଲ୍ୟାବରେ କମ୍ପ୍ୟୁଟର ସବୁ ପଡି ରହିଛି। ଦୀର୍ଘମାସ ଧରି ବ୍ୟବହାର ନ ହେବାରୁ ଏବେ ସେହି ଇଲେକ୍ଟ୍ରୋନିକ୍ସ ସାମଗ୍ରୀଗୁଡିକ ନଷ୍ଟ ହେବାକୁ ବସିଲାଣି। ଜିଲା ପ୍ରଶାସନ ଏ ଦିଗରେ ବିହିତ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

## ବାଲ୍ୟବିବାହ ସଚେତନତା ଅଭିଯାନ

**ବୌଦ୍ଧ,୭।୧୧(ସ୍ୱ.ପ୍ର.)**

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ଛତରଙ୍ଗ ପଞ୍ଚାୟତର ଧୁଙ୍ଗିଆମୁଣ୍ଡା ଓ ଗୁଣ୍ଡୁରିସାହି ଗ୍ରାମରେ ବାଲ୍ୟବିବାହ ସଚେତନତା ଅଭିଯାନ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଧୁଙ୍ଗିଆମୁଣ୍ଡା ଅଙ୍ଗନୱାଡି କେନ୍ଦ୍ର ପକ୍ଷରୁ ଏକ ସଚେତନତା ରାଲି ହୋଇଥିଲା। ଏଥିରେ ବିଭିନ୍ନ ସ୍ୱୟଂସହାୟକ ଗୋଷ୍ଠୀ ଓ ଯୁବକ ସଂଘ କର୍ମକର୍ତ୍ତା ସାମିଲ ଥିଲେ। ପରେ ଅଙ୍ଗନୱାଡି କର୍ମୀ ସେବତୀ କହଁରଙ୍କ ଅଧକ୍ଷତାରେ ଏକ ସଭା ହୋଇଥିଲା। ସଭାରେ ଅତିଥି ଭାବେ ବଡଗୁଣ୍ଡୁରିସାହି ବିଦ୍ୟାଳୟର ପ୍ରଧାନଶିକ୍ଷକ ରାଜେନ୍ଦ୍ର ପ୍ରସାଦ ମଲିକ, ଅମିତା ବଚନ ବେହେରା ଯୋଗଦେଇ ବାଲ୍ୟବିବାହ ଦ୍ୱାରା କି ପ୍ରକାର ଅସୁବିଧା ହୋଇଥାଏ ସେ ନେଇ ସଚେତନ କରିଥିଲେ। ଯୋଗ ଦେଇଥିବା ବାଳିକା ଓ ବାଳକମାନଙ୍କୁ ବାଲ୍ୟ ବିବାହ ନ କରିବାକୁ ଶପଥ ପାଠ କରାଯାଇଥିଲା। ଅଶାକର୍ମୀ ଝିଲି ବେହେରା ଧନ୍ୟବାଦ ଦେଇଥିଲେ।

## ପଞ୍ଚାୟତ କାର୍ଯ୍ୟାଳୟରୁ ଚୋରି

ଲାଠୋର,(ଡି.ଏନ.ଏ.): ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ କରୁଆଝର ପଞ୍ଚାୟତ କାର୍ଯ୍ୟାଳୟରୁ କମ୍ପ୍ୟୁଟର, ଇନଭର୍ଟର ଓ ଅନ୍ୟାନ୍ୟ କେତେକ ସାମଗ୍ରୀ ଚୋରି ହୋଇଥିବା ଅଭିଯୋଗ ହୋଇଛି। ଏ ନେଇ ସରପଞ୍ଚ ବିଜୟଲକ୍ଷ୍ମୀ ବାଗ ରବିବାର ଲାଠୋର ଥାନାରେ ଏତଲା ଦେଇଛନ୍ତି। ପଞ୍ଚାୟତ କାର୍ଯ୍ୟାଳୟ ଗ୍ରୀଲ ତାଡି ଦୁର୍ବୃତ୍ତ ଗ୍ରାମ ରୋଜଗାର ସେବକଙ୍କ ଚାମ୍ବରରେ ପଶି ସେଠାରେ ଥିବା କମ୍ପ୍ୟୁଟର, ଇନଭର୍ଟର ଏବଂ ଫୋନ ଚୋରି କରି ନେଇଥିବା ଶନିବାର ସନ୍ଧ୍ୟାରେ ଜଣା ପଡିଥିଲା। ଦୀର୍ଘବର୍ଷ ହେବ ପଞ୍ଚାୟତରେ ରାତ୍ର ଜଗୁଆଳି ନିଯୁକ୍ତି କରାଯାଇନାହିଁ। ଅପରପକ୍ଷେ ଏଠାରେ କାର୍ଯ୍ୟରତ କର୍ମଚାରୀ କାର୍ଯ୍ୟାଳୟକୁ ନିୟମିତ ଆସୁ ନ ଥିବା ଅଭିଯୋଗ ହୋଇଛି।

# ସଚେତନ ହେଲେ କର୍କଟ ପ୍ରତିକାର ସମ୍ଭବ


କର୍କଟ ସଚେତନତା କାର୍ଯ୍ୟକ୍ରମରେ ଉପସ୍ଥିତ କଳାକାରବୃନ୍ଦ।

ବରଗଡ଼ ଅଫିସ୍,୭।୧୧

ବରଗଡ଼ ଲୋକକଳା ଭବନରେ ରବିବାର ପଶ୍ଚିମ ଓଡ଼ିଶା କଳାକାର ମହାସଂଘ ପକ୍ଷରୁ ଜାତୀୟ କର୍କଟ ଦିବସ ପାଳିତ ହୋଇଛି। ସୌଖିନ କଳାକାର ସଂଘର ଅଧ୍ୟକ୍ଷ ଅଶ୍ୱିନୀ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପଶ୍ଚିମ ଓଡ଼ିଶା କଳାକାର ମହାସଂଘ ସଭାପତି ଚୈତନ୍ୟ ପାଇକ, ଉପସଭାପତି ଭୁବନେଶ୍ୱର ପ୍ରଧାନ, ମିଳିତ କଳାକାର ମଞ୍ଚ ସଭାପତି ଶଙ୍କର ପଟ୍ଟନାୟକ, କୋଷାଧ୍ୟକ୍ଷ ଗୋପାଳ ମିଶ୍ର, ନୃତ୍ୟ ନିର୍ଦ୍ଦେଶକ ଗାନ୍ଧୀ ବାରିକ, ସୁରଥ ପ୍ରଧାନ, ତୁଳାରାମ ମହାନନ୍ଦ, ସୌଖିନ କଳାକାର ସଂଘ ସମ୍ପାଦକ ପ୍ରଭାସ ମହଲା, ନିର୍ଦ୍ଦେଶକ ଅଶୋକ ବେହେରା, ବରିଷ୍ଠ କଳାକାର ଖଗେଶ୍ୱର ସାହୁ, ସନ୍ତୋଷ ସାହୁ, କେତନ ବଗାର ପ୍ରମୁଖ ଅଂଶଗ୍ରହଣ କରିଥିଲେ। କର୍କଟ ରୋଗର କାରଣ, ନିରାକରଣ ଉପରେ ଆଲୋଚନା କରି ସଚେତନତା ବିନା କର୍କଟର ପ୍ରତିକାର ଅସମ୍ଭବ ବୋଲି ସେମାନେ ମତପ୍ରକାଶ କରିଥିଲେ। କଳାକାର ମହାସଂଘ ପକ୍ଷରୁ ଆଗାମୀ ଦିନରେ କର୍କଟ ଉପରେ ସଚେତନଧର୍ମୀ ସଙ୍ଗୀତ, ପଥପ୍ରାନ୍ତ ନାଟକ ଆଦି କାର୍ଯ୍ୟକ୍ରମ କରାଯିବ ବୋଲି ନିଷ୍ପତ୍ତି ହୋଇଥିଲା। ମହାସଂଘ ସମ୍ପାଦକ ଗୋପବନ୍ଧୁ ପୁରୋହିତ ଧନ୍ୟବାଦ ଅର୍ପଣ କରିଥିଲେ।

## ଶୋଭାଯାତ୍ରାରେ ସଚେତନ ବାର୍ତ୍ତା

ଜାତୀୟ କର୍କଟ ଦିବସ ପାଳନ ଅବସରରେ ବରଗଡ଼ର ସଂକଳ୍ପ ଅନୁଷ୍ଠାନ ପକ୍ଷରୁ ରବିବାର ସଚେତନତା କାର୍ଯ୍ୟକ୍ରମ ହୋଇଥିଲା। ଏହି ଅବସରରେ ସ୍ଥାନୀୟ ମିନି ଷ୍ଟାଡ଼ିୟମରୁ ଏକ ସଚେତନତା ଶୋଭାଯାତ୍ରା ସହର ପରିକ୍ରମା କରିବା ପରେ ବରଗଡ଼ ମହିଳା କଲେଜରେ ପହଞ୍ଚିଥିଲା। ସେଠାରେ ଏକ ସଚେତନତା ସଭା ହୋଇଥିଲା। ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ଏବଂ ଫାଇଟର୍ସ ଗ୍ରୁପ୍‌ର ସଦସ୍ୟା ମିନତୀ ପତି ସବୁଜ ପତାକା ଦେଖାଇ ଶୋଭାଯାତ୍ରାର ଶୁଭାରମ୍ଭ କରିଥିଲେ। ଏଥିରେ ବିଭିନ୍ନ ଶିକ୍ଷାନୁଷ୍ଠାନ ଏବଂ ସାମାଜିକ ଅନୁଷ୍ଠାନ ସାମିଲ ହୋଇଥିଲେ। ସଚେତନା ସଭାରେ ବିଧାୟକ ଆଚାର୍ଯ୍ୟ ମୁଖ୍ୟଅତିଥି, ବିକାଶ ମଲ୍ଟି ସ୍ପେଶାଲିଟି ହସ୍ପିଟାଲର ଡା. ଭରତ ଚନ୍ଦ୍ର ମିଶ୍ର, ଡା. ରାଜେଶ ତ୍ରିପାଠୀ, ଫାଇଟର୍ସ ଗ୍ରୁପ୍‌ର ସଦସ୍ୟା ପତି ପ୍ରମୁଖ ମଞ୍ଚାସୀନ ଥିଲେ। ସଂକଳ୍ପ ପରିବାରର ସଭାପତି ରୋହିତ ଜୟସ୍ୱାଲ ସ୍ୱାଗତ ଭାଷଣ ଏବଂ ମହିଳା କଲେଜର ପ୍ରାଧ୍ୟାପକ ସନ୍ତୋଷ ପଣ୍ଡା ସଭା ପରିଚାଳନା କରିଥିଲେ। ସଂଯୋଜକ ବିକାଶ ଅଗ୍ରୱାଲ ଧନ୍ୟବାଦ ଅର୍ପଣ କରିଥିଲେ। କର୍କଟ ରୋଗୀଙ୍କୁ ଚିକିତ୍ସା ସେବା ଏବଂ ସହାୟତା ଉଦ୍ଦେଶ୍ୟରେ ଗଢ଼ି ଉଠିଥିବା ଫାଇଟର୍ସ ଗ୍ରୁପ୍‌ର ଆଭିମୁଖ୍ୟ ଉପରେ ପତି ସୂଚନା ଦେଇଥିଲେ। ଡା. ଭରତ ଚନ୍ଦ୍ର ମିଶ୍ର କର୍କଟ ରୋଗର କାରଣ, ନିରାକରଣ ଉପରେ କହିଥିଲେ। ମୁଖ୍ୟମନ୍ତ୍ରୀ ବରଗଡ଼ରେ କ୍ୟାନ୍ସର ହସ୍ପିଟାଲ ନିର୍ମାଣ ପାଇଁ ନେଇଥିବା ପଦକ୍ଷେପକୁ ସ୍ୱାଗତ କରି ଆସନ୍ତା ୧୩ତାରିଖରେ ମୁଖ୍ୟମନ୍ତ୍ରୀ ଏହି ହସ୍ପିଟାଲ ନିର୍ମାଣ କାର୍ଯ୍ୟର ଶୁଭାରମ୍ଭ କରିବେ ବୋଲି ବିଧାୟକ ଆଚାର୍ଯ୍ୟ ସୂଚନା ଦେଇଥିଲେ।



ବରଗଡ଼ରେ କର୍କଟ ସଚେତନତା ଶୋଭାଯାତ୍ରା।

**୧୩ରେ କ୍ୟାନ୍ସର ହସ୍ପିଟାଲ କାର୍ଯ୍ୟର ଶୁଭାରମ୍ଭ କରିବେ ମୁଖ୍ୟମନ୍ତ୍ରୀ**

## ସଂକ୍ଷେପରେ

### ସଂରକ୍ଷଣ ତାଲିକା ପ୍ରକାଶ, ବଢ଼ିଲା ରାଜନୈତିକ ଗତିବିଧି

ଧଦେଓଗାଁ,୭।୧୧(ଡି.ଏନ.ଏ.): ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଅଧୀନରେ ରହିଛି ୧୨ ଓ ୧୩ ନମ୍ବର ଜିଲା ପରିଷଦ ଜୋନ। ଉଭୟ ଜୋନରେ ୧୩ଟି ଲେଖାଏ ଗ୍ରାମ ପଞ୍ଚାୟତ ରହିଛି। ଉଭୟ ଆସନ ପାଇଁ ସଂରକ୍ଷଣ ତାଲିକା ପ୍ରକାଶ ପାଇବା ପରେ ରାଜନୈତିକ ବାତାବରଣରେ ଉଷ୍ମ ହୋଇ ଉଠିଛି। ୧୨ନଂ ଜୋନ ଅନୁସୂଚିତ ଜନଜାତି ମହିଳା ଏବଂ ୧୩ ନଂ ଜୋନ ଅଣସଂରକ୍ଷିତ ରହିଛି। ତିନି ପ୍ରମୁଖ ରାଜେନୈତିକ ଦଳ ବିଜେଡି, ଭାଜପା ଓ କଂଗ୍ରେସର ଆଶାୟୀ ପ୍ରାର୍ଥୀମାନେ ସେମାନଙ୍କ ପ୍ରାର୍ଥୀତ୍ୱ ପାଇଁ ଲବି କରିବା ଆରମ୍ଭ କରି ଦେଇଛନ୍ତି। ତେବେ ଗୋଟିଏ ଦଳରୁ ଏକାଧିକ ପ୍ରାର୍ଥୀ ଆଶାୟୀ ରହିଥିବାରୁ ଦଳୀୟ ନେତୃତ୍ୱଙ୍କ ଚିନ୍ତା ବଢ଼ାଇ ଦେଇଛି।

### ଶ୍ୟାମାକାଳୀ ପୂଜା ଉଦ୍‌ଯାପିତ

କଣ୍ଟବାଞ୍ଜି,୭।୧୧(ଡି.ଏନ.ଏ.): ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ସହରର ସିଙ୍ଗାଲପଡାଠାରେ ଶ୍ୟାମାକାଳୀ ପୂଜା ରବିବାର ଉଦ୍‌ଯାପିତ ହୋଇଯାଇଛି। ମନୋଜ ପୁଟେଲ କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିଲେ। କମିଟି ସଦସ୍ୟ ସୁଶିଲ କୁମାର ରାଉତ, ସନ୍ୟାସୀ ଛତ୍ରିଆ, ଚୂଡାମଣି ପୁଟେଲ, ନୁଆଖାଉ ରଣା, ସୋନୁ ପୁଟେଲ, ସୀତାରାମ ପୁଟେଲ, ଶେଷ ବାଗ ପୂଜା ଆୟୋଜନରେ ସହଯୋଗ କରିଥିଲେ।

### ଦୁଇବାଇକ ମୁହାଁମୁହିଁ ଧକ୍କା, ୨ଗୁରୁତର

ଲୋଇସିଂହା,୭।୧୧(ଡି.ଏନ.ଏ): ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଭରସୁଜା-ପଥରମୁଣ୍ଡା ରାସ୍ତାର ବୁଲାଣିଠାରେ ରବିବାର ସନ୍ଧ୍ୟାରେ ଦୁଇ ବାଇକ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଥିଲା। ଏଥିରେ ଦୁଇ ବାଇକ ଆରୋହୀ ଗୁରୁତର ହୋଇଛନ୍ତି। ସେମାନେ ହେଲେ ଭରସୁଜା ଦର୍ଲିପାଲିର କିଶୋର ବାଗ ଓ ଅନ୍ୟ ଜଣେ ଧଉଁରାଦାଦର ଗାଁର। ତାଙ୍କ ପରିଚୟ ମିଳିପାରି ନାହିଁ। ଗୁରୁତରଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ଲୋଇସିଂହା ଡାକ୍ତରଖାନା ପଠାଇଥିଲେ।

### ମନ୍ଦିର ନିର୍ମାଣ ପାଇଁ ବିଶ୍ୱକର୍ମା ବରଣ

ପଦ୍ମପୁର,୭।୧୧ (ଡି.ଏନ.ଏ): ବରଗଡ଼ ଜିଲା ରାଜବୋଡାସମ୍ବର ପଦ୍ମପୁର ଅଞ୍ଚଳର ଦ୍ୱିତୀୟ ତୀର୍ଥକ୍ଷେତ୍ର ଦେବଦର୍ହା ସ୍ଥିତ ସ୍ୱଧର୍ମ ଚେତନା ଆଶ୍ରମ ପରିସରରେ ଭବ୍ୟ ଶ୍ରୀରାମ ମନ୍ଦିର ନିର୍ମାଣ କରାଯାଉଛି। ଏହି କାମ ତ୍ୱରାନ୍ୱିତ ପାଇଁ ହୀରାପୁରର ତୋଲାମଣି ଭୁଏ ଓ ସହକର୍ମୀ ତାମରାଜ ରାଉତ, ଦୁଷ୍ମନ୍ତ ସାହୁ, ଅରବିନ୍ଦ ପଟେଲଙ୍କ ସମେତ ଅନ୍ୟମାନଙ୍କୁ ବରଣ କରାଯାଇଛି। ଆଶ୍ରମର ପ୍ରତିଷ୍ଠାତା ପ୍ରବଚକ ବାବା ଅନନ୍ତ ଚରଣ ମହାରାଜ, ବାଳକୃଷ୍ଣ ନାଏକ, ରମେଶ ବାରିକ, ପଦ୍ମଲୋଚନ ବେରିଆ ବିଶ୍ୱକର୍ମାଙ୍କୁ ଉତ୍ତରୀୟ, ଶ୍ରୀଫଳ ଦେଇ ଆମନ୍ତ୍ରଣ କରିଥିଲେ। ଆସନ୍ତା ଫେବୃୟାରୀ ମାସରେ ଉକ୍ତ ମନ୍ଦିରର ରତ୍ନମୁଦ ଦେବା ପାଇଁ ଉଦ୍ୟମ କରାଯାଉଛି।

### ମା' ଫୁଲମତୀ ଦେବୀ, ଡଙ୍ଗର ଯାତ୍ରା ସମ୍ପନ୍ନ

ପଲମ,୭।୧୧(ଡି.ଏନ.ଏ.): କଳାହାଣ୍ଡି ଜିଲା ନର୍ଲା ବ୍ଲକ ଅଧୀନ ପଲମ ପଞ୍ଚାୟତସ୍ଥିତ ପଲମ ମା' ଫୁଲମତୀ ଦେବୀ ଓ ଡଙ୍ଗରବୁଡା ମନ୍ଦିର ପୀଠରେ ରବିବାର ରୀତିନୀତି ଅନୁସାରେ ଦେବଦେବୀଙ୍କ ପୂଜା ସମ୍ପନ୍ନ ହୋଇଯାଇଛି। ଏହି ପୂଜା ପ୍ରତିବର୍ଷ କାର୍ତ୍ତିକ ମାସ ଶୁକ୍ଲପକ୍ଷ ତୃତୀୟା ତିଥିରେ ସମ୍ପନ୍ନ ହୋଇଥାଏ। ଏହି ଦେବୀ ପୀଠରେ ଗ୍ରାମ ତଥା ଅନ୍ୟ ଗ୍ରାମର ଶତାଧିକ ଭକ୍ତମାନେ ମାନସିକ ତଥା ଦୁଃଖ ନିବାରଣ ନିମନ୍ତେ ମା'ଙ୍କ ନିକଟରେ ଗୁହାରୀ କରିଥାନ୍ତି। ଗତବର୍ଷ ମାନସିକ କରିଥିବା ଭକ୍ତମାନେ ନିଜର ମନସ୍କାମନା ପୂରଣ ହୋଇଥିବାରୁ ଆନନ୍ଦର ସହିତ ଦେବୀ ପୀଠରେ ଭୋଗ ପ୍ରଦାନ କରିଥିଲେ। ମା'ଙ୍କ ପୀଠରେ ପଲମ ଗ୍ରାମର ଚୈତନ ମାଝିଙ୍କୁ କାଳସୀ ଲାଗି ଭକ୍ତମାନଙ୍କୁ ଆଶିର୍ବାଦ ପ୍ରଦାନ କରିଥାନ୍ତି ଏବଂ ଦେବୀଙ୍କ ପୀଠରେ ପୂଜାର୍ଚ୍ଚନା କରିବା ପାଇଁ ପଲମ ଗ୍ରାମର ଗୋକୁଳ ଜାନୀ ଦାୟିତ୍ୱ ନେଇ ପୂଜାର୍ଚ୍ଚନା କରିଥିଲେ। ଏଣୁ ଏହି ପୀଠରେ ଶହ ଶହ ଭକ୍ତଙ୍କ ସମାଗମ ହୋଇଥାଏ।

### ଶ୍ୟାମାକାଳୀ ପୂଜା ସମ୍ପନ୍ନ

ପଦ୍ମପୁର,୭।୧୧(ଡି.ଏନ.ଏ): ପଦ୍ମପୁର ହନିମାନ ପଡାରେ ସାର୍ବଜନୀନ ଶ୍ୟାମାକାଳୀ ପୂଜା ଉଦ୍‌ଯାପିତ ହୋଇଛି। କୋଭିଡ କଟକଣାକୁ ମାନି ଭକ୍ତ ସମାଗମକୁ ବନ୍ଦ କରାଯାଇଥିଲା। କମିଟି ତରଫରୁ ସାଂସ୍କୃତିକ କାର୍ଯ୍ୟକ୍ରମ, ଭସାଣି ଶୋଭାଯାତ୍ରାକୁ ବନ୍ଦ କରାଯାଇଛି। ମା' କାଳୀଙ୍କଠାରେ ପ୍ରିୟ କାକରା ପୀଠା ଭୋଗ ଲାଗି ହୋଇଥିଲା। ସେହିପରି ସହରର କଲେଜ ରୋଡ, ଖଦି ମଣ୍ଡଳ, କାଳୀପଡାରେ ମଧ କାଳୀପୂଜା ଅନୁଷ୍ଠିତ ହୋଇଥିଲା।

# ମନ ମୋହିଲା ରାମଲୀଳା


କଳାକାରମାନେ ବେଶ ହୋଇ ନଗର ପରିକ୍ରମା କରୁଛନ୍ତି।

ପାଇକମାଳ, ୭।୧୧(ଡି.ଏନ.ଏ)

ବରଗଡ ଜିଲା ପାଇକମାଳ ବ୍ଲକ ଜାମସେଠ ଗ୍ରାମରେ ତିନିଦିନ ଧରି ଚାଲିଥିବା ସାର୍ବଜନୀନ ଶ୍ୟାମାକାଳୀ ପୂଜା ଶନିବାର ସନ୍ଧ୍ୟାରେ ସମ୍ପନ୍ନ ହୋଇଛି। ଚଳିତବର୍ଷ ଗଙ୍ଗେଶ୍ୱର ନେଉରା ଓ ସ୍ତ୍ରୀ ଗୌରୀ ନେଉରା କର୍ତ୍ତା ଏବଂ ଗୋବର୍ଦ୍ଧନ ଦାସ ପୂଜକ ରହିଥିଲେ। ପ୍ରତି ସନ୍ଧ୍ୟାରେ ଜାମସେଠ ନେତାଜୀ କ୍ଲବ କର୍ମକର୍ତ୍ତାମାନଙ୍କୁ ନେଇ ରାମଲୀଳା କାର୍ଯ୍ୟକ୍ରମ ହୋଇଥିଲା। ରାମଚନ୍ଦ୍ର ଚଉଦ ବର୍ଷ ବନବାସ ଓ ଦଶାନନ ରାବଣଙ୍କୁ ବଧ କରି ସୀତା, ଲକ୍ଷ୍ମଣଙ୍କୁ ସାଙ୍ଗରେ ଧରି ଅଯୋଧ୍ୟାକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ଏହି ଖୁସିରେ ଅଯୋଧ୍ୟାବାସୀ ଘରେ ଘରେ ଦୀପଜାଳି ବାଣ ଫୁଟାଇ ଦୀପାବଳି ପାଳନ କରିଥିଲେ। ଏହି କ୍ରମରେ ବଜାଗଜା ଧରି ରାମ, ଲକ୍ଷ୍ମଣ, ସୀତା ଓ ବାନରସେନା ଗାଁ ପରିକ୍ରମା କରିଥିଲେ। ରାବଣ ଭୂମିକାରେ ସୁରେନ୍ଦ୍ର ପାତ୍ର, ରାମ ଯଶୋବନ୍ତ ପ୍ରଧାନ, ଲକ୍ଷ୍ମଣ ରୋହିତ ପଶାୟତ, ସୀତା ଅନୀଲ ରଣା, ବିଭିଷଣ ରୋହିତ ରଣା, କୁମ୍ଭକର୍ଣ୍ଣ ଭଗତ ରଣା, ଲଙ୍କାଦେବୀ ସୌମ୍ୟରଞ୍ଜନ ମାଝୀ, ବ୍ରହ୍ମା ଗଣ୍ଡାରାମ କଲାରୀ, ହନୁମାନ ମଦନ ଭୋଇ, ବାନର ସେନାରେ ଶିଶୁ କଳାକାର ଓମ ପ୍ରଧାନ, କାଳିଆ ତାଣ୍ଡି, ଲକି ମାଝୀ, ଜଗା ତାଣ୍ଡି, ଲୋକେଶ ପୂଝାରୀ ପ୍ରମୁଖ ଅଭିନୟ କରିଥିଲେ। କାଳୀପୂଜା କମିଟି ସଭାପତି ଆର୍ତ୍ତତ୍ରାଣ ସାହୁ, ଉପ ସଭାପତି ହେମନ୍ତ ପ୍ରଧାନ, ସମ୍ପାଦକ ନଟବର ପ୍ରଧାନ, ସହ ସମ୍ପାଦକ ଅକ୍ଷୟ ପ୍ରଧାନ, କୋଷାଧକ୍ଷ ରବି ରଣାଙ୍କ ସମେତ କ୍ଲବ କର୍ମକର୍ତ୍ତା ସହଯୋଗ କରିଥିଲେ।

**ଜାମସେଠ ସାର୍ବଜନୀନ କାଳୀପୂଜା ସମ୍ପନ୍ନ**

# ଅଧିକାର ହାସଲ ପାଇଁ ସଙ୍ଗଠିତ ହେବାକୁ ଆହ୍ୱାନ

ଲୋଇସିଂହା,୭।୧୧(ଡି.ଏନ.ଏ.)

**ଡୁମାଳ ସମାଜ କନ୍ଦାଜୁରୀ କେନ୍ଦ୍ର ସାଙ୍ଗଠନିକ ବୈଠକ**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ କନ୍ଦାଜୁରୀ ମାହେଶ୍ୱରୀ ପୀଠରେ ଜିଲା ଷାଠିଏ ଘର ଡୁମାଳ ସମାଜ କନ୍ଦାଜୁରୀ କେନ୍ଦ୍ରର ସାଙ୍ଗଠନିକ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ବୈଠକରେ କନ୍ଦାଜୁରୀ କେନ୍ଦ୍ର ସଭାପତି କୁଞ୍ଜ ମେର୍ଲି ଅଧ୍ୟକ୍ଷତା କରିଥିଲେ। ଜିଲା ସଭାପତି ଲମ୍ବୋଦର ମହାକୁର ମୁଖ୍ୟ ଅତିଥି, ଆଇନ ପରାମର୍ଶଦାତା ଜଗନ୍ନାଥ କରଣ ମୁଖ୍ୟବକ୍ତା, ଜିଲା ସମ୍ପାଦକ ଇନ୍ଦ୍ରମଣୀ ବାରିକ, ସାମାଜିକ କର୍ମୀ ସୁଶାନ୍ତ ବାରିକ, ମିନକେତନ ଡାଙ୍ଗ, ବୃଷଭ ଦନ୍ତା, ଶଶୀ ମହାକୁର, ଲିଙ୍ଗରାଜ ମେର୍ଲି, ଚୂଡାମଣୀ କଲତା, ଗିରଧାରୀ ଖଣ୍ଡଗିରୀ, ଅମରୀଶ ପଧାନ, ଟେଙ୍ଗନୁ ବଗାର ସମ୍ମାନୀତ ଅତିଥିଭାବେ ଯୋଗଦେଇଥିଲେ। ମୁଖ୍ୟ ଅତିଥି ମହାକୁର ସମାଜରେ ଏକତା ଓ ସଂହତି କିପରି ବଜାୟ ହୋଇ ପାରିବ ତାହା ଉପରେ ଗୁରୁତ୍ୱରୋପ କରିଥିଲେ। ମୁଖ୍ୟବକ୍ତା କରଣ ସାମଜର ସାମଗ୍ରିକ ବିକାଶ ଉପରେ ମତ ରଖିଥିଲେ। ଅଧିକାର ହାସଲ ପାଇଁ ସଙ୍ଗଠିତ ହେବାକୁ ଆହ୍ୱାନ ଦେଇଥିଲେ। ମିନକେତନ ଡାଙ୍ଗ ନିଶା ନିବାରଣ ଉପରେ ମତ ରଖିଥିଲେ। ବୈଠକରେ ଉପସ୍ଥିତ କେନ୍ଦ୍ର ଅଧୀନ ବୁର୍ଡା, କନ୍ଦାଜୁରୀ, କର୍ଲିପାଟ, ଦୁମଦୁମି, ପଣ୍ଡରାଣୀ ଗ୍ରାମ୍ୟ କମିଟି କର୍ମକର୍ତ୍ତା ଏବଂ ସଦସ୍ୟମାନେ ସ୍ୱମତ ରଖିଥିଲେ। କେନ୍ଦ୍ର ସମ୍ପାଦକ ଡାକ୍ତର ଥାର୍ଟି ଅତିଥି ପରିଚୟ ପ୍ରଦାନ କରିଥିଲେ। ମୁକୁନ୍ଦ ମୁରାରୀ ପଧାନ ସଭା ସଂଯୋଜନା କରିଥିଲେ।


ସାଙ୍ଗଠନିକ ବୈଠକରେ ମଞ୍ଚାସୀନ ଅତିଥି।

# ସୋହେଲା, ହୀରାକୁଦ ବିଜୟୀ

ବରଗଡ଼ ଅଫିସ୍,୭।୧୧

ବରଗଡ଼ ବ୍ଲକ ଖୁଣ୍ଟପାଲି ଖେଳ ପଡ଼ିଆରେ ଚାଲିଥିବା ଦ୍ୱିତୀୟ ବାବା ବାଲୁଙ୍କେଶ୍ୱର ଫୁଟବଲ ପ୍ରତିଯୋଗିତାର ରବିବାର ଚତୁର୍ଥ ଦିବସ ମ୍ୟାଚ୍‌ରେ ସୋହେଲା ଏବଂ ହୀରାକୁଦ ପ୍ରତିପକ୍ଷ ଦଳକୁ ହରାଇ ପରବର୍ତ୍ତୀ ପର୍ଯ୍ୟାୟକୁ ଉନ୍ନୀତ ହୋଇଛନ୍ତି। ସୋହେଲା ଓ ଅତାବିରା ମଧ୍ୟରେ ପ୍ରଥମ ମ୍ୟାଚ୍ ହୋଇଥିଲା। ଏଥିରେ ସୋହେଲା ଅତାବିରାକୁ ୩-୦ ଗୋଲରେ ହରାଇ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିଲା। ସେହିପରି ହୀରାକୁଦ ଓ ଖେଦାପାଲି ମଧ୍ୟରେ ଅନୁଷ୍ଠିତ ଦ୍ୱିତୀୟ ମ୍ୟାଚ୍‌ରେ ହୀରାକୁଦକ ୧-୦ ଗୋଲରେ ବିଜୟୀ ହୋଇ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ଡା. ସୁଶୀଲ କୁମାର ସାହୁ, ରାଜେଶ ମହାପାତ୍ର ଅତିଥିଭାବେ ଯୋଗ ଦେଇଥିଲେ। ରିତେଶ ଆଚାର୍ଯ୍ୟ ଧାରା ବିବରଣୀ ପ୍ରଦାନ କରିଥିଲେ।

# ସାହୁ ସମାଜର ଜିଲାସ୍ତରୀୟ ବାର୍ଷିକୋତ୍ସବ


କାର୍ଯ୍ୟକ୍ରମରେ ଯୋଗଦେଇଥିବା ବିଭିନ୍ନ ଅଞ୍ଚଳର ତୈଳିକ ବୈଶ୍ୟ ହଳଦିଆ ସାହୁ ସମାଜର ସଦସ୍ୟମାନେ।

କର୍ଲାମୁଣ୍ଡା,୭।୧୧(ଡି.ଏନ.ଏ.)

**ମହିଳା ଶିକ୍ଷିତା ହେଲେ ଏକ ସୁସ୍ଥ ଓ ଶିକ୍ଷିତ ସମାଜ ଗଠନ ସମ୍ଭବ**

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ଭଟାପଲା ବଜାରପଡିଆଠାରେ କଳାହାଣ୍ଡି ତୈଳିକ ବୈଶ୍ୟ ହଳଦିଆ ସାହୁ ସମାଜ ପକ୍ଷରୁ ଜିଲାସ୍ତରୀୟ ଦ୍ୱିତୀୟ ବାର୍ଷିକ ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ଜିଲା ସଭାପତି ନିଳମଣି ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ କଳାହାଣ୍ଡି ଜିଲା ପରିଷଦ ଅଧକ୍ଷା ନମିତା ରାଣୀ ସାହୁ, ମୁଖ୍ୟବକ୍ତା ଭାବେ କଳାହାଣ୍ଡି ବିଶ୍ୱ ବିଦ୍ୟାଳୟର ଇଂଲିଶ ଅଧାପକ ଜୟଦେବ ସାହୁ, ସମ୍ମାନିତ ଅତିଥି ଭାବେ ସମ୍ବଲପୁର ଜିଲା ସଭାପତି ଲୁକେଶ୍ୱର ସାହୁ, ବରଗଡ ଜିଲା ସଭାପତି ଚୈତନ୍ୟ ସାହୁ, ସୁବର୍ଣ୍ଣପୁର ଜିଲା ସଭାପତି ଡାକ୍ତର ସାହୁ, ବଲାଙ୍ଗୀର ଜିଲା ସଭାପତି ମୋତିଲାଲ ସାହୁ, କଳାହାଣ୍ଡି ଜିଲା ସମ୍ପାଦକ ନବୀନ କିଶୋର ସାହୁ, କୃଷ୍ଣଚନ୍ଦ୍ର ସାହୁ, କର୍ଲାମୁଣ୍ଡା ବ୍ଲକ ସଭାପତି ଲକ୍ଷ୍ମୀପ୍ରସାଦ ସାହୁ, କଳାହାଣ୍ଡି ଜିଲା ମୁଖ୍ୟ ଉପଦେଷ୍ଟା ଜୟଦେବ ସାହୁ, କିର୍ତ୍ତନ ସାହୁ, ତରଣୀସେନ ସାହୁ, ଭଟାପଲା ଗ୍ରାମ୍ୟ କମିଟି ସଭାପତି ବୈଷ୍ଣବ ସାହୁ ଯୋଗଦେଇଥିଲେ। ମହିଳା ଶିକ୍ଷିତା ହେଲେ ଏକ ସୁସ୍ଥ ଓ ଶିକ୍ଷିତ ସମାଜ ଗଠନ ସମ୍ଭବ ବୋଲି ଅତିଥିମାନେ କହିଥିଲେ। ଅନ୍ୟତମ ଅତିଥି ଭାବେ କୋଦଣ୍ଡ ସାହୁ 'ନେଗି', ଜିତେନ୍ଦ୍ର ସାହୁ 'ବେହେରା', ଶଙ୍କର ପ୍ରସାଦ ସାହୁ 'ପୃସେଠ୍', ଦୀନବନ୍ଧୁ ସାହୁ 'କାରଜି', କିସନ ସାହୁ 'କାରଜି', ବିରଞ୍ଚି ସାହୁ 'କାରଜି', ବାଲଭୁଜ ସାହୁ 'ପନିଆ' ମଞ୍ଚାସୀନ ଥିଲେ। ଏହି ଅବସରରେ ତୈଳିକ ବୈଶ୍ୟ ହଳଦିଆ ସାହୁ ସମାଜର ମୁଖପତ୍ର ହଳଦିର ଉନ୍ମୋଚନ ଓ ୟୁଟ୍ୟୁବ ଚ୍ୟାନାଲ ହଳଦି କ୍ରିଏସନ୍ ଶୁଭାରମ୍ଭ କରାଯାଇଥିଲା। ସମାଜ ସଙ୍ଗଠନରେ ଦୀର୍ଘ ବର୍ଷଧରି ସକ୍ରିୟ ଅଂଶ ଗ୍ରହଣ କରିଥିବା ବ୍ୟକ୍ତି ବିଶେଷମାନଙ୍କୁ ମାନପତ୍ର ଓ ଉପଢୌକନ ଦେଇ ସମ୍ବର୍ଦ୍ଧନା କରାଯାଇଥିଲା। ସଭା କାର୍ଯ୍ୟରେ ଦୁର୍ଗା ପ୍ରସାଦ ସାହୁ, ସତ୍ୟନାରାୟଣ ସାହୁ, ଖୁସୀରାମ ସାହୁ, ପୀତାମ୍ବର ସାହୁ ଓ ପ୍ରଦୀପ କୁମାର ସାହୁ ବିଭିନ୍ନ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ଉଜ୍ଜ୍ୱଳ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମକୁ ହୃଷୀକେଶ ସାହୁ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ମ.ରାମପୁର ସଭାପତି ରୋମାଞ୍ଚଳ ସାହୁ, କେସିଙ୍ଗା ବ୍ଲକ ସଭାପତି ଚକ୍ରଧର ସାହୁ, ନର୍ଲା ବ୍ଲକ ସଭାପତି ରବିନ୍ଦ୍ର ସାହୁ ଓ ସମସ୍ତ ଜିଲା କମିଟି, ବ୍ଲକ କମିଟି, ମଣ୍ଡଳ କମିଟି, ଗାଁ କମିଟି ସହଯୋଗ କରିଥିଲେ।

# ଜନ୍ମତିଥିରେ ଐତିହାସିକ ସଦାନନ୍ଦ ଅଗ୍ରୱାଲାଙ୍କ ସ୍ମୃତିଚାରଣ

ତରଭା, ୭।୧୧(ଡିଏନଏ)

ସୁବର୍ଣ୍ଣପୁର ଜିଲା ତରଭା ବ୍ଲକ ଅନ୍ତର୍ଗତ ମେଣ୍ଡା ମହର୍ଷି ବୁଦ୍ଧରାମ ଡିଗ୍ରୀ ମହାବିଦ୍ୟାଳୟର ପ୍ରତିଷ୍ଠାତା ସଭ୍ୟ ତଥା ବିଶିଷ୍ଟ ଐତିହାସିକ ସ୍ୱର୍ଗତ ଡ.ସଦାନନ୍ଦ ଅଗ୍ରୱାଲାଙ୍କ ଜୟନ୍ତୀ ରବିବାର ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ମେଣ୍ଡା ଗାଁରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥିଭାବେ ମେଣ୍ଡା ପଞ୍ଚାୟତର ପୂର୍ବତନ ସରପଞ୍ଚ ହୃଷିକେଶ ପାତ୍ର, ମହାବିଦ୍ୟାଳୟର ବରିଷ୍ଠ ସଭ୍ୟ ନାରଦ ପୂଜାହାରୀ, ଶତ୍ରୁଘ୍ନ ପଣ୍ଡା, ସମାଜିକ କର୍ମୀ ସିଦ୍ଧାର୍ଥ ଅଗ୍ରୱାଲା, ଅଧାପକ ବିକାଶ ସାହୁ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ଡ.ଅଗ୍ରୱାଲାଙ୍କ ସ୍ମୃତିଚାରଣ କରିଥିଲେ। କାର୍ଯ୍ୟକ୍ରମକୁ ଧୀରେନ୍ଦ୍ର ଝାଙ୍କର ପରିଚାଳନା କରିଥିଲେ। ଅନ୍ୟତମ ଅତିଥି ନାରଦ ପୂଜାହାରୀ ଅଗ୍ରୱାଲାଙ୍କ ସ୍ମୃତିଚାରଣ କରିବା ସହ ତାଙ୍କର ପ୍ରତିମୂର୍ତ୍ତୀ ମହାବିଦ୍ୟାଳୟ ପରିସରରେ ସ୍ଥାପନ କରିବା ପାଇଁ ପ୍ରସ୍ତାବ ଦେଇଥିଲେ। ଶେଷରେ ଧୀରେନ୍ଦ୍ର ଝାଙ୍କର ଧନ୍ୟବାଦ ଅର୍ପଣ କରିଥିଲେ।


ପ୍ରତିମୂର୍ତ୍ତି ନିକଟରେ ଡା ସଦାନନ୍ଦ ଅଗ୍ରୱାଲାଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି।

# ଶିକ୍ଷାମନ୍ତ୍ରୀଙ୍କ ବୋଡେନ ବ୍ଲକ ଗସ୍ତ ନେଇ ପ୍ରସ୍ତୁତି

ବୋଡେନ,୭।୧୧(ଡି.ଏନ.ଏ.)

ନୂଆପଡା ଜିଲା ବୋଡେନ ବ୍ଲକକୁ ଶିକ୍ଷାମନ୍ତ୍ରୀ ସମୀର ରଞ୍ଜନ ଦାସଙ୍କ ଆସନ୍ତା ୯ ଓ ୧୦ ତାରିଖ ଦୁଇଦିନ ଗସ୍ତ କାର୍ଯ୍ୟକ୍ରମ ରହିଛି। ଏନେଇ ରବିବାର ବୋଡେନ ବ୍ଲକ ସଭାଗୃହଠାରେ ବିଜେଡି ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଜେଡି ଜିଲା ସାଧାରଣ ସମ୍ପାଦକ ଲମ୍ବୋଦର ନିଆଲଙ୍କ ଅଧକ୍ଷତାରେ ବ୍ଲକର ପ୍ରତି ପଞ୍ଚାୟତକୁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ କାର୍ଡ ବଣ୍ଟନ କରିବେ ବୋଲି ବୈଠକରେ ସୂଚନା ଦିଆଯାଇଛି। ବୈଠକରେ ବ୍ଲକର ନୃପରାଜ ତାଣ୍ଡି, ରାଜ ନାଗ, ବ୍ଲକ ସଭାପତି ଲୋକନାଥ ଛତ୍ରିଆ, ଗୌତମ ନିଆଲ, ଯୋଗେନ୍ଦ୍ର ମାଝି, ଶ୍ୟମସୁନ୍ଦର ବେହେରା ପ୍ରମୁଖଙ୍କ ଅଂଶଗ୍ରହଣ କରିଥିଲେ। ଆସନ୍ତା ୯ ଓ ୧୦ ତାରିଖ ବ୍ଲକର ବିଭିନ୍ନ ପଞ୍ଚାୟତରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ କାର୍ଡ ବଣ୍ଟନ କାର୍ଯ୍ୟକ୍ରମ ରହିଛି।

## ହାଇସ୍କୁଲ ଏନ୍‌ପିଏସ୍ ଶିକ୍ଷକ ସଂଘ କର୍ମକର୍ତ୍ତା ଚୟନ

ସୋନପୁର,୭।୧୧(ନି.ପ୍ର.)

ଓଡ଼ିଶା ସରକାରୀ ହାଇସ୍କୁଲ ଏନ୍‌ପିଏସ୍(ନିଉ ପେନସନ ସ୍କିମ୍) ଶିକ୍ଷକ ସଂଘ ସୁବର୍ଣ୍ଣପୁର ଜିଲା ଶାଖାର ଏକ ବୈଠକ ସୋନପୁର ସମଲେଇ ମନ୍ଦିରଠାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଶିକ୍ଷକମାନଙ୍କର ବିଭିନ୍ନ ସମସ୍ୟା, ୬ବର୍ଷରୁ ଉର୍ଦ୍ଧ୍ୱ ଶିକ୍ଷକତା କରିଥିବା ଶିକ୍ଷକଙ୍କ ଚାକିରିକୁ ନିୟମିତ କରିବା, ପୁରୁଣା ପେନସନ ଲାଗୁ କରିବା, ସଂସ୍କୃତ ଓ ହିନ୍ଦୀ ଶିକ୍ଷକଙ୍କୁ ଷ୍ଟେଟ୍ କ୍ୟାଡରଭାବେ ବିବେଚନା କରିବା ସମ୍ପର୍କରେ ସରକାରଙ୍କ ନିକଟରେ ଦାବି ରଖିବା ପାଇଁ ନିଷ୍ପତ୍ତି ହୋଇଥିଲା। ଏହି ଅବସରରେ ଏନପିଏସ ଶିକ୍ଷକ ସଂଘର ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ସଭାପତି ଆଶିଷ କୁମାର ନାଏକ, ସମ୍ପାଦକ ଲାଲବାବୁ ସେଠୀ, କୋଷାଧକ୍ଷ ଚକାନୟନ ମେହେର ଓ ଉପସଭାପତିଭାବେ ମଧୁସୂଦନ ମହାକୁର ମନୋନୀତ ହୋଇଛନ୍ତି। ବୈଠକରେ ଅଜୟ କୁମାର ରାଉତରାୟ, ସର୍ବେଶ୍ୱର ପୂଜାହାରୀ, ଦିଲ୍ଲୀପ କୁମାର ସାହୁ, ଚିତ୍ତରଞ୍ଜନ ବଣ୍ଡକି, ନାରାୟଣ ସେଠୀ ପ୍ରମୁଖ ଯୋଗ ଦେଇଥିଲେ।

## ଚକା ଫାଟିବାରୁ ଓଲଟିଲା ତୀର୍ଥଯାତ୍ରୀ ଗାଡ଼ି

ଅମ୍ବାଭୋନା,୭।୧୧(ଡି.ଏନ.ଏ)

ପଡ଼ୋଶୀ ଛତିଶଗଡ଼ରୁ ବରଗଡ଼ ଜିଲା ଅମ୍ବାଭୋନା ବ୍ଲକର ପ୍ରସିଦ୍ଧ ତୀର୍ଥପୀଠକୁ ଆସୁଥିବା ଏକ ତୀର୍ଥଯାତ୍ରୀ ଗାଡ଼ି ରବିବାର ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ତୀର୍ଥଯାତ୍ରୀ ଗାଡ଼ି (ନଂ.ସିଜି୨୨ଜି/୮୦୪)ର ପଛଚକ ଫାଟିଯିବାରୁ ଗାଡ଼ି ଓଲଟି ପଡ଼ିଥିଲା। ଫଳରେ ସେଥିରେ ବସିଥିବା ୫୫ଯାତ୍ରୀଙ୍କ ମଧ୍ୟରୁ ୨୦ଜଣ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ଗୁରୁତର ଥିବା ୬ଜଣଙ୍କୁ ରାୟଗଡ଼ ଡାକ୍ତରଖାନା ନିଆଯାଇଛି। ଉକ୍ତ ଗାଡ଼ିରେ ଛତିଶଗଡ଼ ରାଜ୍ୟ ଜାଜଙ୍ଗୀର ଚାମ୍ପା ଜିଲା ହାସଥ ଥାନା ଅନ୍ତର୍ଗତ କେଏଥା ଗ୍ରାମର ଯାତ୍ରୀମାନେ ପଥରସେନୀ ପୀଠକୁ ଆସୁଥିଲେ। ବାଟରେ ଚକ ଫାଟି ଯିବା ଯୋଗୁ ବୁଗବୁଗିଠାରୁ ଅଳ୍ପଦୂରରେ ଥିବା ରେଲୱେ କ୍ରସିଂ ପାଖରେ ଗାଡ଼ିଟି ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଅମ୍ବାଭୋନା ଅଗ୍ନିଶମ କର୍ମଚାରୀ ଏବଂ ସ୍ଥାନୀୟ ଲୋକେ ଆହତଙ୍କୁ ଡାକ୍ତରଖାନା ପଠାଇବା ବ୍ୟବସ୍ଥା କରିଥିଲେ।

## ଜିଲା ଡୁମ୍ବାଳ ପରିଷଦ ବୈଠକ

ବାଡଁଗୁଣୀ, ୭।୧୧(ଡି.ଏନ.ଏ.)

ବୌଦ୍ଧ ଜିଲା ମନମୁଣ୍ଡା ଗ୍ରାମ ପଞ୍ଚାୟତ ଭାଲିଆପଦର ମାହେଶ୍ୱରୀ ମନ୍ଦିର ପ୍ରାଙ୍ଗଣରେ ଜିଲା ଡୁମାଳ ସଭାପତି ପୂର୍ଣ୍ଣଚନ୍ଦ୍ର ମହାକୁଡ଼ଙ୍କ ସଭାପତିତ୍ୱରେ ଏକ ସଭା ରବିବାର ଅନୁଷ୍ଠିତ ହୋଇଯାଇଛି। ସମ୍ପାଦକ କାହ୍ନୁଚରଣ ମେସୁଆ ବିବରଣୀ ପାଠ କରିଥିଲେ। ପୂର୍ବ ରାଜ୍ୟ ସଭାପତି ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ବେଳେ ଜିଲାର ନୂତନ ସଭାପତି ଭାବେ ରମଣୀ ରଞ୍ଜନ ପ୍ରଧାନଙ୍କୁ ସର୍ବସମ୍ମତି କ୍ରମେ ମନୋନୀତ କରାଯାଇଥିଲା। ବିଭିନ୍ନ ଆଲୋଚନାରେ ପୂର୍ବ ଜିଲା ସଭାପତି ବିଶିକେଶନ ପ୍ରଧାନ, ବାମଣ୍ଡା କେନ୍ଦ୍ର ସଭାପତି ଗରୁଡ଼ଧ୍ୱଜ ପ୍ରଧାନ, ରାଜ୍ୟ ପ୍ରତିନିଧି ସୁଦାମ ଖମାରୀ, କୃଷ୍ଣଚନ୍ଦ୍ର କମ୍ପ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ। ଭାଲିଆପଦର କେନ୍ଦ୍ରର କର୍ମକର୍ତ୍ତା କାର୍ଯ୍ୟକ୍ରମ ଆୟୋଜନ କରିଥିଲେ।